ଧରିତ୍ରୀ
DHARITRI
ଶୁକ୍ରବାର, ୬ ସେପ୍ଟେମ୍ବର, ୨୦୧୯



## ସଂକ୍ଷେପରେ

### ଜିପିଇଓଙ୍କୁ ସର୍ତ୍ତମୂଳକ ଜାମିନ

ବ୍ରହ୍ମପୁର ଅଫିସ,୫।୯-ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବିଜୟ କୁମାର ଜେନା ଏକ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରି ଅଭିଯୁକ୍ତ ବେଲଗୁଣ୍ଠା ବ୍ଲକ ଖାଇରପୁଟି ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ଜିପିଇଓ)ପଞ୍ଚାନନ ପ୍ରଧାନଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ଜିପିଇଓ ପ୍ରଧାନ ଗତ ୨୨ ତାରିଖରେ ଗିରଫ ହୋଇ ଜେଲରେ ଥିବା ବେଳେ ଗୁରୁବାର ତାଙ୍କୁ ଜାମିନ ମିଳିଥିବା ଓକିଲ ପ୍ରସାଦ ପଟ୍ଟନାୟକ ସୂଚନା ଦେଇଛନ୍ତି। ଖାଇରପୁଟି ଗ୍ରାମର ପ୍ରଭାତ ଭୂୟାଁଙ୍କ ମା 'ଙ୍କୁ ଇନ୍ଦିରାଆବାସ ମିଳିଥିଲା। ଏହାର ନିର୍ମାଣ କାମ ଚାଲିଥିବା ବେଳେ ୨ୟ କିସ୍ତି ଟଙ୍କା ମଞ୍ଜୁର କରିବା ପାଇଁ ଜିପିଇଓ ପ୍ରଧାନ ପ୍ରଭାତଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ କର୍ମଚାରୀମାନେ ତାଙ୍କୁ ଗିରଫ କରିଥିଲେ। ମାମଲା ନଂ. ୨୨/୧୯ରେ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଗିରଫ ଦିନଠାରୁ ସେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିଲେ। ଜାମିନ ପାଇଁ କୋର୍ଟରେ ଆବେଦନ କରାଯାଇଥିଲା। ଭିଜିଲାନ୍ସ ଇନ୍ସପେକ୍ଟର ତଥା ମାମଲାର ତଦନ୍ତକାରୀ ଅଧିକାରୀ ରାଜେନ୍ଦ୍ର କୁମାର ନାୟକ କୋର୍ଟରେ କେସ୍ ଡାଇରୀ ଦାଖଲ କରିଥିଲେ। ସରକାରଙ୍କ ପକ୍ଷରୁ ପିପି ତପନ କୁମାର ଦାସ ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରସାଦ ପଟ୍ଟନାୟକ ଓ ନରସିଂହ ପଟ୍ଟନାୟକ ମକଦ୍ଦମା ପରିଚାଳନା କରୁଥିଲେ।

### ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ

ବ୍ରହ୍ମପୁର ଅଫିସ୍,୫।୯: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବ୍ରହ୍ମପୁର-୨ରେ ଗୁରୁ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଡ. ସବିତା ରାଣୀ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ପ୍ରଥମେ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଗୁରୁଙ୍କ ଗୁଣଗାନ କରିଥିଲେ । ଏହି ଅବସରରେ ଏକ ସଭା ଆୟୋଜିତ ହୋଇଥିଲା। ଶିକ୍ଷକମାନେ ଆଦର୍ଶ ଗୁରୁଙ୍କ ବିଷୟରେ ବର୍ଣ୍ଣନା କରିଥିଲେ। ରାଧାକ୍ରିଷ୍ଣନ୍‌ଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ବିଜୟ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

### ଲୋକ ଅଦାଲତ ବିଚାରପତିଙ୍କ କାର୍ଯ୍ୟଭାର ଗ୍ରହଣ

ବ୍ରହ୍ମପୁର ଅଫିସ,୫।୯: ସ୍ଥାୟୀ ଲୋକ ଅଦାଲତ ବିଚାରପତି ଭାବେ ଧୀରେନ୍ଦ୍ର ନାଥ ପଟ୍ଟନାୟକ ଗୁରୁବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଦାୟିତ୍ୱ ନେବା ପରେ ସେ ପଡି ରହିଥିବା ମାମଲାଗୁଡିକ ବିଷୟରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ପଟ୍ଟନାୟକ ପୂର୍ବରୁ ବ୍ରହ୍ମପୁର ଭିଜିଲାନ୍ସ କୋର୍ଟରେ ସ୍ୱତନ୍ତ୍ର ଜଜ୍ ଥିଲେ। ଲୋକ ଅଦାଲତ ଜଜ୍ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ ବଲାଙ୍ଗୀରରେ ସ୍ଥାୟୀ ଲୋକ ଅଦାଲତ ବିଚାରପତି ଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ଲୋକ ଅଦାଲତ ଜଜ୍ ଭାବେ ବଦଳି କରାଯାଇଥିଲା। ବ୍ରହ୍ମପୁରରେ ଲୋକ ଅଦାଲତ ଜଜ ଥିବା ସରୋଜ କୁମାର ମିଶ୍ରଙ୍କର ଗତ ମାସରେ କଟକ ବଦଳି ହୋଇଥିଲା।

# ଲଗାଣ ବର୍ଷା: ବେହାଲ ବ୍ରହ୍ମପୁର

ବ୍ରହ୍ମପୁର ଅଫିସ, ୫।୯

ଉତ୍ତର -ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ବୁଧବାର ରାତିରୁ ବର୍ଷା ଆରମ୍ଭ ହୋଇଛି। ଗୁରୁବାର ଭୋରରୁ ଅନେକ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିଛି। ଗୋପାଳପୁର ପାଣିପାଗ କେନ୍ଦ୍ର ଇନ୍‌ଚାର୍ଜ ଉମାଶଙ୍କର ଦାଶଙ୍କ ସୂଚନା ଅନୁଯାୟୀ, ସକାଳ ୮.୩୦ ସୁଦ୍ଧା ବ୍ରହ୍ମପୁର ଓ ଏହାର ଆଖପାଖ ଅଞ୍ଚଳରେ ୧୦୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଶୁକ୍ରବାର ଏହାର ପରିମାଣ କମିବା ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଲଗାଣ ବର୍ଷାରେ ରେଶମ ନଗରୀର ବିଭିନ୍ନ ଅଞ୍ଚଳ ବେହାଲ ହୋଇଛି। ସହରର ୨ନଂ. ୱାର୍ଡ ଲକ୍ଷ୍ମୀନୃସିଂହ ସାହିରେ ପ୍ରାୟ ୨ଫୁଟରୁ ଊର୍ଦ୍ଧ୍ୱ ଉଚ୍ଚରେ ବର୍ଷାଜଳ ଜମି ରହିବା ସହ ଘରେ ନର୍ଦ୍ଦମା ପାଣି ପଶିଛି। ପଚ୍ଛପାର୍ଶ୍ୱ ଡ୍ରେନ୍ ମରାମତି ତଥା ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭରେ ବିଳମ୍ବ ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଡ୍ରେନ୍‌ର ପୁନରୁଦ୍ଧାର, ସଫେଇ ଓ ମରାମତିରେ ଅବହେଳା ଯୋଗୁ ବର୍ଷାରେ ସହରର ବିଭିନ୍ନ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଡ୍ରେନ୍‌ର ସଂକୀର୍ଣ୍ଣତା ଓ ସଂଯୋଗୀକରଣ ତ୍ରୁଟି ହେତୁ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହେଉଛି। ଫଳରେ ବର୍ଷାରେ ଡ୍ରେନ୍‌ରେ ନର୍ଦ୍ଦମା ପାଣି ରାସ୍ତା ଉପରକୁ ଚାଲି ଆସୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସେହିପରି ଗଜପତିନଗର

**ରାସ୍ତାରେ ଜମିଲା ନର୍ଦ୍ଦମା ଜଳ**

**ଦୀର୍ଘ ସମୟ ଯାତାୟାତ ପ୍ରଭାବିତ**

ମୁଖ୍ୟରାସ୍ତା, ଲୋଚାପଡା ରୋଡ ପାର୍ଶ୍ୱ ବ୍ୟାଙ୍କ କଲୋନୀ, ଅନନ୍ତନଗର ୫ମ ଗଳି, ଆସ୍କାରୋଡ ଗରିମାର୍କେଟ ଛକ ପାର୍ଶ୍ୱ ମୁଖ୍ୟରାସ୍ତା, ପ୍ରେମନଗର ରୋଡ, ଧର୍ମନଗର ମୁଖ୍ୟରାସ୍ତାରେ ପ୍ରାୟ ୨ ଫୁଟ ଉଚ୍ଚର ବର୍ଷାଜଳ ଦୀର୍ଘ ସମୟଧରି ଜମି ରହିଥିଲା। ଫଳରେ ଉପରୋକ୍ତ ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସେହିପରି କେସି ଟାଉନ ହାଇସ୍କୁଲ ସମ୍ମୁଖରେ ଥିବା ଡ୍ରେନ୍ ପାଣି ସ୍କୁଲରେ ପ୍ରବେଶ କରିଥିଲା। ଏଣୁ ଅଫିସ ରୁମ, ପ୍ରଧାନ ଶିକ୍ଷକ, ଶିକ୍ଷକଙ୍କ ପ୍ରକୋଷ୍ଠ, ଦଶମ ଶ୍ରେଣୀ, ଲାଇବ୍ରେରିରେ ବର୍ଷାଜଳ ପଶିଯାଇଥିଲା। ସ୍କୁଲରେ ଆଣ୍ଠୁଏ ଉଚ୍ଚତାରେ ନର୍ଦ୍ଦମା ଜଳ ଜମି ରହିବା ଫଳରେ ଗୁରୁଦିବସ ପାଳନ ଉତ୍ସବ ବିଳମ୍ବ ହୋଇଥିଲା। ଏଥିସହ ପାଣି ଯୋଗୁ କେତେକ ପାଠ୍ୟପୁସ୍ତକ ନଷ୍ଟ ହୋଇଥିବା ସ୍କୁଲ ପକ୍ଷରୁ ସୂଚନା ମିଳିଛି। ବହୁବାର ଅଭିଯୋଗ ସତ୍ତ୍ୱେ ଡ୍ରେନ୍ ସଫେଇରେ ଅବହେଳା ଯୋଗୁ ଏଭଳି ପରିସ୍ଥିତି ବାରମ୍ବାର ଦେଖା ଦେଉଥିବା ସ୍କୁଲ ପକ୍ଷରୁ କୁହାଯାଇଛି। ବର୍ଷାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଡ୍ରେନ୍ ସଫେଇ ପାଇଁ ୧୫ ଜଣିଆ ଟିମ୍ ଗଠନ କରାଯାଇ ପରିଷ୍କାର କରାଯାଇଛି। ଏଥିସହ ବର୍ଷାଜଳ ନିଷ୍କାସନ ପାଇଁ ୬ ଜଣିଆ ଟିମ୍ ସହ ଜେସିବି ଓ ହିଟାଚିକୁ କାର୍ଯ୍ୟରେ ନିୟୋଜିତ କରାଯାଇଥିବା ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇଛନ୍ତି।


ଲକ୍ଷ୍ମୀନୃସିଂହ ସାହିର ମୁଖ୍ୟରାସ୍ତାରେ ନର୍ଦ୍ଦମା ମିଶା ବର୍ଷାଜଳ


ଜୟପ୍ରକାଶ ନଗରର ଏକ ଆପାର୍ଟମେଣ୍ଟର ପାର୍କିଂସ୍ଥଳରେ ବର୍ଷାଜଳରେ ବୁଡି ରହିଥିବା ଯାନବାହନ


ଜଣେ ମହିଳା ଘରୁ ବର୍ଷାଜଳ ନିଷ୍କାସନ କରୁଛନ୍ତି


କେସି ଟାଉନ ହାଇସ୍କୁଲର ଲାଇବ୍ରେରିରେ ବର୍ଷାଜଳ

## ସେଲ୍‌ସ ପ୍ରମୋଶନ ଆଇନ ଉଚ୍ଛେଦକୁ ବିରୋଧ

ବ୍ରହ୍ମପୁର ଅଫିସ୍,୫।୯

ସେଲ୍‌ସ ପ୍ରମୋଶନ୍ କର୍ମଚାରୀ(ଚାକିରି ସର୍ତ୍ତାବଳୀ) ଆଇନ୍-୧୯୭୬କୁ ଉଚ୍ଛେଦ କରିବା ପାଇଁ ମୋଦି ସରକାର ଉଦ୍ୟମ ଚଳାଇଛନ୍ତି। ଏହାକୁ ମେଡ଼ିକାଲ୍ ଏବଂ ସେଲ୍‌ସ ରିପ୍ରେଜେଣ୍ଟେଟିଭ୍‌ମାନେ ଦେଶବ୍ୟାପି ବିରୋଧ କରୁଛନ୍ତି। ଗୁରୁବାର ଏହି କ୍ରମରେ କେନ୍ଦ୍ର ଶ୍ରମ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଫେଡେରେଶନ୍ ଅଫ୍ ମେଡ଼ିକାଲ୍ ଆଣ୍ଡ ସେଲ୍‌ସ ରିପ୍ରେଜେଣ୍ଟେଟିଭ୍‌ସ ଅଫ୍ ଇଣ୍ଡିଆ(ଏଫ୍‌ଏମ୍‌ଆର୍‌ଏଆଇ) ଡାକରାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଚାକିରି ସୁରକ୍ଷା ଦେଉଥିବା ଏହି ଆଇନ୍‌ର ଉଚ୍ଛେଦ ଉଦ୍ୟମକୁ ତୀବ୍ର ବିରୋଧ କରାଯାଇଛି। ଓଡ଼ିଶା ସେଲ୍‌ସ ରିପ୍ରେଜେଣ୍ଟେଟିଭ୍ ୟୁନିୟନ୍(ଓସ୍ରୁ)ରାଜ୍ୟ ଯୁଗ୍ମ ସାଧାରଣ ସମ୍ପାଦକ ବୈକୁଣ୍ଠନାଥ ସାହୁ ଯୋଗଦେଇ କହିଥିଲେ, ବର୍ଷ ବର୍ଷ ହେଲା ସେଲ୍‌ସ ରିପ୍ରେଜେଣ୍ଟେଟିଭ୍‌ମାନଙ୍କ ଚାକିରି ସୁରକ୍ଷିତ ରଖିବାରେ ଉପରୋକ୍ତ ଆଇନ୍ ଲାଭଦାୟକ ହୋଇଛି। ଆଇନ୍ ଉଚ୍ଛେଦ ଫଳରେ ୨ ଲକ୍ଷରୁ ଅଧିକ କର୍ମଚାରୀଙ୍କ ଜୀବିକା ପ୍ରତି ବିପଦ ସୃଷ୍ଟି ହେବ। ତୁରନ୍ତ ଏହି ନିଷ୍ପତ୍ତିକୁ ସରକାର ପ୍ରତ୍ୟାହୃତ କରନ୍ତୁ ବୋଲି ସେ ଦାବି କରିଥିଲେ। କାର୍ଯ୍ୟକ୍ରମରେ ସିଟୁ ଜିଲା ସମ୍ପାଦକ ଯୁଧିଷ୍ଠିର ବେହେରା ଯୋଗଦେଇ କହିଥିଲେ, ଔଷଧର ଦରଦାମ୍ ନିୟନ୍ତ୍ରଣ, ଜିଏସ୍‌ଟି ପରିସରଭୁକ୍ତ କରିବା, ରାଷ୍ଟ୍ରାୟତ୍ତ ଔଷଧ ଶିଳ୍ପର ପୁନଃରୁଦ୍ଧାର ପାଇଁ ସେଲ୍‌ସ ରିପ୍ରେଜେଣ୍ଟେଟିଭ୍‌ମାନେ ସର୍ବଦା ଆନ୍ଦୋଳନ କରୁଛନ୍ତି। ଏଭଳି ସ୍ଥଳେ ଆଇନ୍‌କୁ ଉଚ୍ଛେଦ କରି ଆନ୍ଦୋଳନକୁ ଦବାଇ ଦେବାକୁ ସରକାର ଚେଷ୍ଟା କରୁଛନ୍ତି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ ଏମ୍ପ୍ଲଇଜ୍ ଆସୋସିଏଶନ୍ ଅଫ୍ ଇଣ୍ଡିଆର ଅଶୋକ ଦାସ, ଓସ୍ରୁ ରାଜ୍ୟ ସମ୍ପାଦକ ନୃସିଂହ ପ୍ରସାଦ ବ୍ରହ୍ମା, ଜିଲା ସମ୍ପାଦକ ନୀଳଲୋହିତ ସାହୁ, ଜିଲା ସଭାପତି ଭବାନୀ ଶଙ୍କର ପାତ୍ର, ଜିଲା କମିଟି ସଭ୍ୟ ବସନ୍ତ ପାଳ, କୁନା ଦୋରା, ଜିଲା ଉପସଭାପତି ସ୍ମୃତି ସୁନ୍ଦର ସିଅଙ୍କ ସମେତ ବହୁ ସେଲ୍‌ସ ରିପ୍ରେଜେଣ୍ଟେଟିଭ୍ ଭାଗ ନେଇଥିଲେ।



ସଂଗଠନ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବ୍ରହ୍ମପୁରରେ ହେବ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ୍,୫।୯

ବ୍ରହ୍ମପୁର ସୁବୁଦ୍ଧି ବେଡ଼ା କଲ୍ୟାଣ ମଣ୍ଡପରେ ଚଳିତ ମାସ ୮ ଓ ୯ ତାରିଖ ଦୁଇଦିନ ଧରି ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଗଞ୍ଜାମ ଜିଲା ଭାରୋତ୍ତୋଳନ ସଂଘ ପକ୍ଷରୁ ଏହା ଆୟୋଜିତ ହେବ। ପ୍ରତିଯୋଗିତାରେ ୧୨ ଜିଲାର କନିଷ୍ଠ ବାଳକ ଓ ବାଳିକା ବିଭାଗର ପ୍ରାୟ ୧୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଗଞ୍ଜାମ ଜିଲାରୁ ପ୍ରାୟ ୩୦ ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଉଛନ୍ତି। ବହୁ କୋଚ୍, ରେଫରୀ, ମ୍ୟାନେଜର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଭାରୋତ୍ତୋଳକ ଭକ୍ତରାମ ଦେହୁରୀଙ୍କୁ ସମ୍ମାନିତ କରାଯିବ। ଏ ନେଇ ଏକ ବୈଠକ ସ୍ଥାନୀୟ ଇଞ୍ଜିନିୟରିଂ ସ୍କୁଲ ଛକସ୍ଥିତ ନବୀନ ଭବନ ପରିସରରେ ଜିଲା ସଭାପତି ତଥା ରାଜ୍ୟ ଉପସଭାପତି କୁମୁଦ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଗଠନ ସମ୍ପାଦକ ନାରାୟଣ ସାହୁ, ଜିଲା କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ଦାଶ, ଉପଦେଷ୍ଟା ରବି ରଥ, ଜିଲା ସମ୍ପାଦକ ଗାଗାରିନ ନାୟକ, ଯଜ୍ଞ ନାରାୟଣ ନନ୍ଦ, ଉଦୟ ନାଥ ସେଠୀ, ଅଭିମନ୍ୟୁ ଦଳାଇ, କେ. କୁର୍ମାରାଓ, ଗଣେଶ୍ୱର ସାହୁ, ପ୍ରଦୀପ କୁମାର ସାହାଣୀ, ଏସ୍. ରାମାରାଓ, ପୂର୍ଣ୍ଣଚନ୍ଦ୍ର ବେହେରା, ଶୂନ୍ୟଚନ୍ଦ୍ର ଦାଶ, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ରମେଶ ପାଢ଼ୀ ଓ ବିଷ୍ଣୁପ୍ରିୟା ନାୟକ, ଜଗନ୍ନାଥ ନାୟକ, ଦଣ୍ଡପାଣି ସାହୁ ଓ କୋଚ୍ ସୀତା ଜେନାଙ୍କ ସମେତ ସଂଘ କର୍ମକର୍ତ୍ତାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସଫଳତା ନେଇ ଗୁରୁତ୍ୱାରୋପ କରିଥିଲେ।

## ଘରେ ପଶି ମହିଳାଙ୍କ ସୁନା ଗହଣା ଲୁଟ

ବ୍ରହ୍ମପୁର ଅଫିସ,୫।୯

ବଡ଼ବଜାର ଥାନା ଅନ୍ତର୍ଗତ ଜଗନ୍ନାଥ ବିହାର ୭ମ ଲେନ୍‌ରେ ରହୁଥିବା ଜଣେ ମହିଳା କୈଳିସୀ ସାହୁଙ୍କଠାରୁ ଗୁରୁବାର ସୁନା ଗହଣା ଓ ଟଙ୍କା ଲୁଟ୍ ହୋଇଥିବା ଜଣାପଡିଛି। ବଡବଜାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ମହିଳାଙ୍କୁ ପଚରା ଉଚରା କରିଛି। ହେଲେ ବର୍ତ୍ତମାନ ସୁଦ୍ଧା ଏନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରି ନ ଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି। ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିବ ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ ଅପରାହ୍ନ ପ୍ରାୟ ୨ଟା ବେଳେ ଏକ ବାଇକ୍‌ରେ ୨ ଜଣ ଯୁବକ କୈଳିସୀଙ୍କ ଘରେ ପହଞ୍ଚି ଥିଲେ। ଆମକୁ ତମ ପୁଅ ବଂଶୀ ପଠାଇଛନ୍ତି ବୋଲି କହିଥିଲେ। ତୁମ ବଡ଼ ପୁଅ ପାଇଁ ବିବାହ ପ୍ରସ୍ତାବ ଆଣିଥିବା କହିବା ସହ କବାଟ ଖୋଲିବାକୁ କହିଥିଲେ। ଯୁବକମାନଙ୍କ କଥାରେ ବିଶ୍ୱାସ କରି ମହିଳା ଜଣକ କବାଟ ଖୋଲିଥିଲେ। ପରେ ଯୁବକମାନେ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ମହିଳା ଜଣକ ପିନ୍ଧିଥିବା ସୁନା ଗହଣା ସହିତ ଘରେ ଥିବା ସୁନା ଗହଣା ଓ ଟଙ୍କା ନେଇ ଚମ୍ପଟ ମାରିଥିଲେ ବୋଲି ପୋଲିସକୁ ମହିଳା ଜଣଙ୍କ କହିଛନ୍ତି। ତେବେ ରାତ୍ର ପ୍ରାୟ ୮ଟା ସୁଦ୍ଧା ଥାନାରେ କେହି ଅଭିଯୋଗ କରିନାହାନ୍ତି ବୋଲି ପୋଲିସ କହିଛି।

## ଜୁନିୟର ମହିଳା ବକ୍ସିଂରେ ଗଞ୍ଜାମର ୩ ପ୍ରତିଯୋଗୀ

ବ୍ରହ୍ମପୁର ଅଫିସ୍,୫।୯


ଗଞ୍ଜାମ ଜିଲାର ୩ ଖେଳାଳି।

ଆସନ୍ତା ୮ରୁ ୧୩ତାରିଖ ପର୍ଯ୍ୟନ୍ତ ହରିୟାଣାର ରୋହତକ୍‌ରେ ତୃତୀୟ ଜାତୀୟ ଜୁନିୟର ମହିଳା ବକ୍ସିଂ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା ଦଳର ୬ଜଣ ବକ୍ସର ଭାଗନେବେ। ତେବେ ଓଡ଼ିଶା ଦଳରେ ଗଞ୍ଜାମର ୩ଜଣ ମହିଳା ବକ୍ସର ସାମିଲ ହୋଇଛନ୍ତି। ସେମାନେ ହେଲେ ରାଣୀ ଦାସ, ଅନୁରାଧା ଜେନା ଏବଂ ଆରୁସ୍ମିତା ପାଣିଗ୍ରାହୀ। ଗୁରୁବାର ଖେଳାଳିମାନେ ହରିୟାଣା ଅଭିମୁଖେ ଯାତ୍ରା କରିଛନ୍ତି। କୋଚ୍ ଭାବେ ଗୌରୀ ପଣ୍ଡା, ଭି.ରାଜେଶ୍ୱରୀ ରେଡ୍ଡୀ, ମ୍ୟାନେଜର୍ ଏମ୍.ଏମ୍. ପାଣିଗ୍ରାହୀ ଏବଂ ରେଫରି ଶିଶିର କୁମାର ପାଣିଗ୍ରାହୀ ମଧ୍ୟ ଯାତ୍ରା କରିଛନ୍ତି।

**ଆବେଦନରେ ଅଟକିଛି ଗ୍ରାମକଣ୍ଟକ ପଟ୍ଟା ମାମଲା**

## ଦଖଲ ସତ୍ତ୍ୱେ ମିଳୁନି ଅଧିକାର

ବ୍ରହ୍ମପୁର ଅଫିସ୍,୫।୯

ବହୁ ବର୍ଷ ଦଖଲରେ ରହିଛି ସରକାରୀ ବା ଗୋଚର ଜମି। କିଏ ଘର କରିଛି ତ ଅନ୍ୟ କେହି ଚାଷ କରୁଛି। କିନ୍ତୁ ଏହା ଉପରେ ମିଳୁନି ଅଧିକାର। ଗ୍ରାମକଣ୍ଟକ ପଟ୍ଟା ପାଇଁ ବର୍ଷ ବର୍ଷ ହେଲା ଗଞ୍ଜାମ ଜିଲାର ବହୁ ବାସିନ୍ଦା ଅପେକ୍ଷା କରିଛନ୍ତି। ତହସିଲ୍ ଏବଂ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଦୌଡ଼ି ନୟନ୍ତ ହେଉଛନ୍ତି। ଫଳ କିନ୍ତୁ ଶୂନ୍। ପୁରୁଣା ଜମି ବିବାଦଗୁଡ଼ିକର ଫଇସଲା ସହ ଗ୍ରାମକଣ୍ଟକ ପଟ୍ଟା ଦେବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା କହୁଛନ୍ତି। ହେଲେ ଗଞ୍ଜାମ ଜିଲା, ବିଶେଷକରି ବ୍ରହ୍ମପୁର ଉପଖଣ୍ଡରେ ଏହା ଫଳପ୍ରଦ ହୋଇପାରୁ ନାହିଁ। ବିଳମ୍ବରେ ହେଲେ ମଧ୍ୟ ଗ୍ରାମକଣ୍ଟକ ମାମଲାଗୁଡ଼ିକର ଫଇସଲା କରି ପଟ୍ଟା ବାଣ୍ଟିବାକୁ ନିଷ୍ପତ୍ତି ନେଇଛି ବ୍ରହ୍ମପୁର ଉପଖଣ୍ଡ ପ୍ରଶାସନ। ଆସନ୍ତା ୧୦ତାରିଖ(ମଙ୍ଗଳବାର) ଏହି ଉପଖଣ୍ଡ ଅଧୀନସ୍ଥ ୭ ତହସିଲ୍‌ର ୧୦ ରାଜସ୍ୱ ସର୍କଲ୍‌ରେ ସ୍ୱତନ୍ତ୍ର ଫଇସଲା ଶିବିର ଆୟୋଜନ କରାଯିବ। ପ୍ରାୟ ୨୮୮୦ ମାମଲାର ଫଇସଲା ପାଇଁ ଲକ୍ଷ୍ୟ ରଖାଯାଇଛି। ଉପଖଣ୍ଡ ପ୍ରଶାସନ ପକ୍ଷରୁ ଏହା ଘୋଷଣା ହେବା ପରେ ଆବେଦନକାରୀଙ୍କ ମନରେ ଆଶା ସଞ୍ଚାର ହୋଇଛି।

ଉପଖଣ୍ଡ ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ପର୍ଯ୍ୟାୟକ୍ରମେ ସମସ୍ତ ରାଜସ୍ୱ ସର୍କଲ୍‌ରେ ସ୍ୱତନ୍ତ୍ର ଫଇସଲା ଶିବିର ଆୟୋଜନ ହେବ। କିନ୍ତୁ ମଙ୍ଗଳବାର ପ୍ରଥମ ପର୍ଯ୍ୟାୟରେ ୧୦ ରାଜସ୍ୱ ସର୍କଲ୍‌ରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବର୍ତ୍ତମାନ ସୁଦ୍ଧା ବ୍ରହ୍ମପୁର ତହସିଲ୍‌ର ହରିଡ଼ାଖଣ୍ଡି ରାଜସ୍ୱ ସର୍କଲ୍‌ରେ ୩୧୨ ମାମଲା ବିଚାରାଧୀନ ରହିଥିବା ବେଳେ କନିଷି ତହସିଲର ଢୁମ୍‌ଢୁମି ସର୍କଲ୍‌ରେ ୧୮୪ ଏବଂ ଇନ୍ଦ୍ରାକ୍ଷୀ ସର୍କଲ୍‌ରେ ୧୫୦ ମାମଲା ବିଚାରାଧୀନ ରହିଛି। ସେହିଭଳି ସାନଖେମୁଣ୍ଡି ତହସିଲର ପୋଡ଼ାମାରୀ

- ସ୍ୱତନ୍ତ୍ର ଫଇସଲା ଶିବିର ୧୦ରେ
- ପ୍ରଥମ ପର୍ଯ୍ୟାୟରେ ୧୦ ରାଜସ୍ୱ ସର୍କଲ୍
- ୨୮୮୦ ମାମଲାର ହୋଇପାରେ ଫଇସଲା

ସର୍କଲ୍‌ରେ ୬୦୦, କୁକୁଡ଼ାଖଣ୍ଡି ତହସିଲ୍‌ର ସାହାଳା ସର୍କଲ୍‌ରେ ୨୦୭ ଏବଂ ବାଲିପଡ଼ା ସର୍କଲ୍‌ରେ ୨୦୧, ଚିକିଟି ସର୍କଲ୍‌ରେ ୨୫୦, ପାତ୍ରପୁର ତହସିଲ୍‌ର ଜୟନ୍ତୀପୁରରେ ୬୫୦ ଏବଂ ଦିଗପହଣ୍ଡି ସର୍କଲ୍‌ରେ ୧୮୭ଟି ଓ ପିତଳ ତହସିଲ୍‌ରେ ୧୩୯ଟି ଗ୍ରାମକଣ୍ଟକ ମାମଲା ବିଚାରାଧୀନ ରହିଛି।

ତହସିଲ୍‌ଗୁଡ଼ିକ ଉପରେ ଗ୍ରାମକଣ୍ଟକ ମାମଲାର ବୋଝ ବଢ଼ିବାକୁ ନେଇ ଅଧିକାରୀମାନେ ଚିନ୍ତା ପ୍ରକଟ କରିଥିଲେ। ଗତ ୩୧ତାରିଖରେ ଅନୁଷ୍ଠିତ ଉପଖଣ୍ଡସ୍ତରୀୟ ରାଜସ୍ୱ ବୈଠକରେ ଏନେଇ ଆଲୋଚନା ହୋଇଥିଲା। ସ୍ୱତନ୍ତ୍ର ଅଭିଯାନ ଜରିଆରେ ଗ୍ରାମକଣ୍ଟକ ମାମଲାଗୁଡ଼ିକର ସମାଧାନ କରିବାକୁ ମତପ୍ରକାଶ ପାଇଥିଲା। ଏନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଦିନିକିଆ ସ୍ୱତନ୍ତ୍ର ଅଭିଯାନ ଜରିଆରେ ମାମଲାଗୁଡ଼ିକର ଫଇସଲା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ତହସିଲଦାର୍‌ମାନଙ୍କୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ମାମଲା ଅନୁଯାୟୀ, ସାହି ଏବଂ ଗ୍ରାମରେ ତାହାକୁ ବିଭକ୍ତ କରାଯାଇଛି। ତଦନୁଯାୟୀ ଶୁଣାଣି କରାଯିବ। ରାଜସ୍ୱ ନିରୀକ୍ଷକମାନେ ଆୟୋଜନରେ ମୁଖ୍ୟ ଭୂମିକା ଗ୍ରହଣ କରିବେ। ଆବଶ୍ୟକ କର୍ମଚାରୀଙ୍କୁ ନିଯୁକ୍ତି ଏବଂ ଅନ୍ୟାନ୍ୟ ସହାୟତା ଯୋଗାଇ ଦେବେ। କେଉଁ ଅଞ୍ଚଳ ପାଇଁ କେଉଁ ଅଧିକାରୀ ଦାୟିତ୍ୱରେ ରହିବେ, ତାର ଏକ ତାଲିକା ପ୍ରସ୍ତୁତ ହୋଇସାରିଛି। ଗୁରୁବାର ଏହି ତାଲିକା ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ ବ୍ରହ୍ମପୁର ଉପଜିଲାପାଳ ସିନ୍ଦେ ଦତ୍ତାତ୍ରୟ ଭାଉସାହେବଙ୍କ କହିବାନୁଯାୟୀ, ଗ୍ରାମକଣ୍ଟକ ମାମଲା ଗୁଡ଼ିକର ବୋଝ ବଢୁଛି। ରାଜସ୍ୱ ନିରୀକ୍ଷକଙ୍କୁ ସରଜମିନ୍ ତଦନ୍ତ କରିବାରେ ବହୁତ ସମୟ ଲାଗୁଛି। ଲୋକମାନେ ମଧ୍ୟ ହଇରାଣ ହେଉଛନ୍ତି। ଏଣୁ ଗୋଟିଏ ଦିନରେ ମାମଲାଗୁଡ଼ିକର ଫଇସଲା ପାଇଁ ନିଷ୍ପତ୍ତି ନିଆଯାଇଛି। ନିୟୋଜିତ ଅଧିକାରୀମାନେ ସରଜିମନ ତଦନ୍ତ କରିବା ପରେ ସେଠାରେ ହିଁ ମାମଲାର ଫଇସଲା କରିଦେବେ। ତହସିଲ୍ କାର୍ଯ୍ୟାଳୟକୁ ଆବେଦନ ପଠାଇ ଦିଆଯିବ। ପରବର୍ତ୍ତୀ ସମୟରେ ତହସିଲ୍ କାର୍ଯ୍ୟାଳୟରୁ ଆବେଦନକାରୀମାନେ ପଟ୍ଟା ପାଇପାରିବେ। ଜନସାଧାରଣଙ୍କ ସୁବିଧା ପାଇଁ ଏହି ପଦକ୍ଷେପ ନିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶୁକ୍ରବାର, ୬ ସେପ୍ଟେମ୍ବର, ୨୦୧୯



## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତଙ୍କ ସମେତ ୧୧ ଗିରଫ

**ରାଇକିଆ, ୫।୯(ଡି.ଏନ.ଏ.):** ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ରାଇକିଆ ପୋଲିସ ଅଭିଯୁକ୍ତଙ୍କ ସମେତ ୧୧ ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଶିବାନୀ ପ୍ରଧାନ। ଘଟଣାକୁ ଚପାଇ ଦେବା ଅଭିଯୋଗରେ ୧୦ ଜଣ ଗ୍ରାମବାସୀଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଏହି ଥାନା ଅଞ୍ଚଳର ଜଣେ ୧୦ ବର୍ଷର ନାବାଳିକାଙ୍କୁ ଘରେ ଏକୁଟିଆ ଥିବାର ସୁଯୋଗ ନେଇ ଶିବାନୀ ବଳାତ୍କାର କରିଥିଲେ। ଘଟଣାଟି ଘଟିଥିଲା ଗତ ମାସ ୨୭ ତାରିଖରେ। ହେଲେ ଗାଁ କମିଟି ମାଧମରେ ଏହାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ଏ ନେଇ ଗ୍ରାମରେ ଏକ ବୈଠକ ବସି ଶିବାନୀଙ୍କୁ ୫୦ ହଜାର ଟଙ୍କା ଜରିମାନା କରାଯାଇଥିଲା। ମାତ୍ର ନାବାଳିକାଙ୍କ ମା' ଘଟଣା ନେଇ ଗତ ବୁଧବାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୮/୧୯ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତବେଳେ ଗାଁ କମିଟିରେ ଏହା ଚପାଇ ଦେବାକୁ ଉଦ୍ୟମ କରିଥିବା ଜଣାପଡିଥିଲା। ସମ୍ପୃକ୍ତ ଯୁବକଙ୍କ ସମେତ ୧୧ ଜଣଙ୍କୁ ଗିରଫ କରାଯାଇଥିବା ଜି.ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା ପ୍ରକାଶ କରିଛନ୍ତି।

### ଜଉଗଡ଼ର ବିକାଶ ଲାଗି ବାଚସ୍ପତିଙ୍କୁ ସ୍ମାରକପତ୍ର



**ପୁରୁଷୋତ୍ତମପୁର, ୫।୯(ଡି.ଏନ.ଏ.):** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ପାଣ୍ଡିଆ ଗ୍ରାମରେ ଥିବା ଐତିହାସିକ ଜଉଗଡ଼ ଅବହେଳିତ ଅବସ୍ଥାରେ ପଡିରହିଛି। ଏହାର ବିକାଶ ଲାଗି ବୁଧବାର ପୁରୁଷୋତ୍ତମପୁର ଗସ୍ତରେ ଆସିଥିବା ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଜିଲା ଯୋଜନା ବୋର୍ଡର ଅଧକ୍ଷ ତଥା ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କୁ ପାଣ୍ଡିଆର ସାମାଜିକ କର୍ମୀ ସୀମାଞ୍ଚଳ ଗୌଡ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଜଉଗଡ଼ର ବିଭିନ୍ନ ସମସ୍ୟା ଦୃଷ୍ଟି ଆକର୍ଷଣ କରିବା ସହ ଏହାର ବିକାଶ ଲାଗି ଅନୁରୋଧ କରିଛନ୍ତି। ଏହି ଐତିହାସିକ ତଥା ପର୍ଯ୍ୟଟନ ସ୍ଥଳକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ଗବେଷକ ଓ ପର୍ଯ୍ୟଟକମାନେ ଆସୁଥିଲେ ମଧ ପାନୀୟ ଜଳ, ବିଦ୍ୟୁତ୍ ଓ ରହିବା ଲାଗି କୌଣସି ବ୍ୟବସ୍ଥା ନ ଥିବାରୁ ନିରାଶ ହୋଇ ଫେରୁଛନ୍ତି। ଅନ୍ୟପକ୍ଷରେ ଏହି ଶିଳାଲେଖାର ଯତ୍ନ ମଧ ପ୍ରଶାସନ ପକ୍ଷରୁ ନିଆଯାଉ ନ ଥିବାରୁ ତାହା ଲିଭି ଐତିହ୍ୟ ଲୋପ ପାଉଛି।

### ସଭାମଣ୍ଡପ ଉଦ୍‌ଘାଟିତ



**ବେଗୁନିଆପଡ଼ା, ୫।୯(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଚନ୍ଦନପୁର ପଞ୍ଚାୟତ ମୁଣ୍ଡୁଲାଠାରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଗୁରୁବାର ଏକ ସଭା ମଣ୍ଡପ ଉଦଘାଟନ କରିଛନ୍ତି। ଏହି ମଣ୍ଡପ ଆମ ଗାଁ ଆମ ବିକାଶ ଯୋଜନାରେ ୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଜେଡି ବ୍ଲକ ସଭାପତି ବିଜୟ କୁମାର ଦୋରା, ଉପାଧକ୍ଷ ଭ୍ରମର ଭୂୟାଁ, ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡି, ତ୍ରିନାଥ ଭୂୟାଁ, ସରପଞ୍ଚ ମଧୁସୂଦନ ସାହୁ, ସମିତିସଭ୍ୟ ସୁବଳ ସାହୁ ଓ କର୍ମୀମାନେ ଯୋଗ ଦେଇଥିଲେ।

### ବାଘଲଟି ଜଳଭଣ୍ଡାର ପକ୍ଷରୁ ସର୍ତକ ସୂଚନା

**ପାତ୍ରପୁର, ୫।୯(ଡି.ଏନ୍.ଏ.):** ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ପାତ୍ରପରୁ ବ୍ଲକ ବାଘଲଟି ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଉଛି। ଫଳରେ ଜଳଭଣ୍ଡାର ତରଫରୁ ନଦୀ ଓ କେନାଲକୁ ନଯିବା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ବାଘଲଟି ନିର୍ବାହି ଅଧିକାରୀ ଇଂ. ସଞ୍ଜୀବ ଦାସବର୍ମା ଲଣାଣ କୌଣସି ମୁହୂର୍ତ୍ତରେ ବି ପାଣି ଛଡ଼ାଯାଇ ପାରେ ବୋଲି ସୂଚନା ଦେଇଛନ୍ତି। ଗୃହପାଳିତ ପଶୁ ଓ ଜନସାଧାରଣ ନଦୀ ଓ କେନାଲକୁ ଯିବାକୁ ବାରଣ କରିଛନ୍ତି। ଡ଼ାକବାଜି ଯନ୍ତ୍ର ସାହାର୍ଯ୍ୟରେ ଆଖପାଖ ଗ୍ରାମରେ ଏନେଇ ପ୍ରଚାର କରାଯାଇଥିବା ସେ ସୂଚନା ଦେଇଛନ୍ତି।

■ ନୂଆ ନିଯୁକ୍ତି ଚାଲିଛି, ପୁରୁଣାଙ୍କ ଚିନ୍ତା ନାହିଁ

# ଗୁରୁଦିବସରେ ଅଧାପକଙ୍କ କଳାବ୍ୟାଜ୍ ପରିଧାନ

**ଭଞ୍ଜନଗର, ୫।୯(ଡି.ଏନ୍.ଏ.)**

ବେସରକାରୀ ଅନୁଦାନ ପ୍ରାପ୍ତ ଏବଂ ଅଣ ଅନୁଦାନପ୍ରାପ୍ତ କଲେଜରେ ୧ ଜୁନ୍ ୨୦୦୮ ଠାରୁ ୩୦ ନଭେମ୍ବର ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଅଧାପକ ଓ କର୍ମଚାରୀ ସଂଘ ଭଞ୍ଜନଗର ଶାଖା ପକ୍ଷରୁ ଗୁରୁବାର ଗୁରୁ ଦିବସକୁ କଳା ଦିବସ ଭାବେ ପାଳନ କରାଯାଇଥିଲା। ଏଥିସହ ସଂଘର ସଭ୍ୟାସଭ୍ୟମାନେ ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ କଳାବ୍ୟାଜ ପରିଧାନ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଘର ଦାବି ହେଲା ତୁରନ୍ତ ସମସ୍ତ ଅଧାପକ କର୍ମଚାରୀଙ୍କୁ ଜିଆଇ ସହ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଆଯାଉ। ବିକ୍ଷୋଭ ସମୟରେ ସଂଘର ଜିଲା ସଂଯୋଜିକା ଅଧାପିକା ସସ୍ମିତା ଦାସ, ଅଧାପିକା ସ୍ମରଣିକା ପାଢ଼ୀ, ଅଧାପକ ବୁଦ୍ଧିନାଥ ବେହେରା, କର୍ମଚାରୀ ନିଶାନ୍ତ ଆଦେନୀ, ଅଜିତ ସାହୁ, ବିକ୍ରମ ବେହେରା, କୈଳାସ ଜେନା, ଅଜୟ ମିଶ୍ର, ସୀତାରାମ ପଣ୍ଡା ପ୍ରମୁଖ ଆନ୍ଦୋଳନରେ ସାମିଲ ଥିଲେ।

ଏନେଇ ଜିଲା ସଂଯୋଜିକା ଶ୍ରୀମତୀ ଦାସ ଏଠାରେ କହିଛନ୍ତି ଯେ, ସରକାର କଲେଜ ଗୁଡ଼ିକରେ ଖାଲିଥିବା ପଦବୀ ଗୁଡ଼ିକରେ ନୂଆ ନିଯୁକ୍ତି ଦେଉଛନ୍ତି। ଉଚ୍ଚ ଦରମା ମଧ୍ୟ ସେମାନଙ୍କୁ ପ୍ରଦାନ କରୁଛନ୍ତି। କିନ୍ତୁ ପରିଚାଳନା କମିଟି ଅଧୀନରେ ବହୁବର୍ଷ ଧରି କାର୍ଯ୍ୟ କରୁଥିବା ଅଧାପକ ଓ କର୍ମଚାରୀଙ୍କ କଥା ସରକାର ବିଚାରକୁ ନେଉନାହାନ୍ତି। ଏନେଇ ବିଭିନ୍ନ ସମୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ କେବଳ ପ୍ରତିଶ୍ରୁତି ମିଳିଛି। ଯାହାକୁ ନେଇ କର୍ମଚାରୀମାନଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତେଣୁ କର୍ମଚାରୀମାନେ ବାଧ ହୋଇ ଗୁରୁଦିବସକୁ କଳାଦିବସ ଭାବେ ପାଳନ କରିବା ସହ କଳାବ୍ୟାଜ ପରିଧାନ କରିଥିଲେ। ଆଗାମୀ ଦିନରେ ସରକାର ଏନେଇ କୌଣସି ବିଚାର ନକଲେ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଶ୍ରୀମତୀ ଦାସ ସୂଚନା ଦେଇଛନ୍ତି। ସେହିଭଳି ବିଡ଼ିପୁର କଲେଜରେ ମଧ ଆନ୍ଦୋଳନ ହୋଇଥିବା ଜଣାପଡ଼ିଛି।


କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ।

### ଟ୍ରେନ୍‌ରେ ପଡ଼ି ୩ ବାର୍‌ହା ଛୁଆ ମୃତ

**ପାତ୍ରପୁର, ୫।୯(ଡି.ଏନ୍.ଏ.)**

ସାମନ୍ତିଆପଲ୍ଲି ବନାଞ୍ଚଳରେ ଦିନକୁ ଦିନ ବାର୍‌ହା ସଂଖ୍ୟା ବଢିଚାଲିଛି। ଜଙ୍ଗଲ କ୍ଷୟ ଯୋଗୁ ଏମାନେ ଅନେକ ସମୟରେ ଜନବସତି ମୁହାଁ ହେଉଛନ୍ତି। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣାରେ ମୃତ୍ୟୁ ଘଟୁଛି। ବୁଧବାର ମା' ବାର୍‌ହା ସହ ଆସିଥିବା ୩ ଛୁଆଙ୍କର ଡ୍ରେନ୍‌ରେ ପଡି ମୃତ୍ୟୁ ଘଟିଛି। ପ୍ରକାଶ ଯେ, ମା' ବାର୍‌ହା ସହ ୭ଟି ଛୁଆ ବୁଧବାର ରାତିରେ ଖାଦ୍ୟ ଅନ୍ୱେଷଣରେ ଆସିଥିଲେ। କୁଠାରୀ ମନ୍ଦିର ନିକଟ ଡ୍ରେନରେ ବର୍ଷାଯୋଗୁ ଜୋର୍‌ରେ ପାଣି ଚାଲୁଥିବାରୁ ମା' ଓ ଛୁଆମାନେ ସେଥିରେ ଫସି ଯାଇଥିଲେ। ସକାଳୁ ସ୍ଥାନୀୟ ଲୋକେ ସେହି ବାଟ ଦେଇ ଯିବାବେଳେ ମା' ଡ୍ରେନ୍‌ରୁ ଉଠି ଜଙ୍ଗଲ ଆଡେ ପଳାଇଥିଲା। ଲୋକମାନେ ୪ଛୁଆଙ୍କୁ ଉଦ୍ଧାର କରି ଜଙ୍ଗଲରେ ଛାଡିଥିଲେ। ମାତ୍ର ଅନ୍ୟ ୩ ଛୁଆଙ୍କର ସେତେବେଳକୁ ପାଣିରେ ବୁଡି ମୃତ୍ୟୁ ଘଟିସାରିଥିଲା।

■ ଏଡିଏମ୍‌ଙ୍କ ପୋଲସରା ଏନ୍‌ଏସି ପରିଦର୍ଶନ

## ବାତିଲ କଲେ ୨୨ କାର୍ଯ୍ୟାଦେଶ

**ପୋଲସରା, ୫।୯(ଡି.ଏନ.ଏ.)**

ପୋଲସରା ଏନ୍‌ଏସିକୁ ଗୁରୁବାର ଛତ୍ରପୁର ଏଡିଏମ୍ ଲକ୍ଷ୍ମୀକାନ୍ତ ସେଠୀ ପରିଦର୍ଶନରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କାଗଜପତ୍ର ଯାଞ୍ଚ କରିଥିଲେ। ଏଥିସହ ଦୀର୍ଘଦିନ ଧରି କାର୍ଯ୍ୟାଦେଶ ପାଇ କାର୍ଯ୍ୟ ନ କରିବା ଓ ଅଧାପନ୍ତରିଆ କାମ କରି ରଖିଥିବା କାର୍ଯ୍ୟର କାଗଜପତ୍ର ଦେଖି ବିରକ୍ତି ପ୍ରକାଶ କରିଥିଲେ। ଏଭଳି ୨୨ ପ୍ରକଳ୍ପର କାର୍ଯ୍ୟାଦେଶ ବାତିଲ କରିଦେଇଛନ୍ତି। ନୂତନ ଭାବେ ଟେଣ୍ଡର କରାଯିବା ଲାଗି ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶନ୍ନ କୁମାର ଦାସଙ୍କୁ ଏଡିଏମ୍ ସେଠୀ ନିର୍ଦ୍ଦେଶ ଦେଇଥିଲେ। ସଠିକ ଭାବେ କାର୍ଯ୍ୟ କରୁ ନ ଥିବା ଠିକାଦାରମାନଙ୍କର ଲାଇସେନ୍ସ କଳା ତାଲିକାଭୁକ୍ତ କରିବା ପାଇଁ ସୁପାରିଶ କରିଥିଲେ। ପୋଲସରା ସହରରେ ଥିବା ବଡ଼ ବଡ଼ ପୋଖରୀର ଉନ୍ନତିକରଣ ଲାଗି ପ୍ରସ୍ତାବ ଦେବା ସହିତ ବୁଲି ଦେଖିଥିଲେ। ପ୍ରାୟ ୨୭ ଏକର ମଧ୍ୟରେ ଥିବା ଖଜୁରୀବନ୍ଧର ପୁନରୁଦ୍ଧାର ଓ ପଥର ବନ୍ଧେଇ କରି ଉନ୍ନତିକରଣ କରିବା, ପାଟିଗଡ଼ଠାରେ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟ (ଏମସିସିଏମଆରଏଫ) ନିର୍ମାଣ ଲାଗି ପ୍ରସ୍ତାବ ଦିଆଯାଇଛି। ନିର୍ମାଣ ହେବାକୁ ଥିବା ବସ୍‌ଷ୍ଟାଣ୍ଡ ପାଇଁ ଜାଗା ନିଅଣ୍ଟ ପଡୁଛି। ବସଷ୍ଟାଣ୍ଡ ପରିସରକୁ ଲାଗି ଜବରଦଖଲ କରି ଘର କରିଥିବା ମାଲିକଙ୍କୁ ନୋଟିସେ କରିବାକୁ ତହସିଲଦାର ଅଶୋକ କୁମାର ପ୍ରଧାନଙ୍କୁ ଏଡିଏମ ନିର୍ଦ୍ଦେଶ ଦେଇଛନ୍ତି। ଏଡିଏମଙ୍କ ଗସ୍ତ ସମୟରେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶନ୍ନ କୁମାର ଦାସ, କନିଷ୍ଠ ଯନ୍ତ୍ରୀ ଚିତ୍ରସେନ ରେଡ୍ଡୀ, ବ୍ଲକ ସହକାରୀ ଯନ୍ତ୍ରୀ ଗୋପାଳ କୃଷ୍ଣ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରକଳ୍ପଗୁଡ଼ିକ ବୁଲି ଦେଖୁଛନ୍ତି ଏଡିଏମ୍।

### ଏଟିଏମ୍‌ରୁ ୧୭ଲକ୍ଷ ଟଙ୍କା ହଡପ ଅଭିଯୋଗ, ତଦନ୍ତ ଆରମ୍ଭ

**ଗଞ୍ଜାମ, ୫।୯(ଡି.ଏନ୍.ଏ.)**

ଗଞ୍ଜାମ ସହର ମଧରେ ଥିବା ଭାରତୀୟ ଷ୍ଟେଟବ୍ୟାଙ୍କ ଏଟିଏମ୍‌ରେ ଟଙ୍କା ଭରିବା ପାଇଁ ସିକ୍ୟୁୟର ଭାଲ୍ୟୁ ଲିମିଟେଡ (ବ୍ରହ୍ମପୁର) ନାମକ ଏକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ମାତ୍ର ସମ୍ପୃକ୍ତ ସଂସ୍ଥା ଜୟଶ୍ରୀ ଏଟିଏମ୍‌ରେ ୧୭ଲକ୍ଷ ୫୧ ହଜାର ୫ଶହ ଟଙ୍କା କମ୍ ଭରିଥିବା ଅଭିଯୋଗ ହୋଇଛି। କମ୍ପାନୀର ଅନୁପ କେଶରୀ ପଣ୍ଡା ଗଞ୍ଜାମ ଥାନାରେ ଏନେଇ ସେପ୍ଟେମ୍ବର ୧ରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୮୨/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ସେକେଣ୍ଡ ଅଫିସର ନାରାୟଣ କହଁର ସୂଚନା ଦେଇଛନ୍ତି। ଗୁରୁବାର ରାତିରେ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ କେତେଜଣଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା କରୁଥିବା ଜଣାପଡିଛି।

### ଲାଞ୍ଚ ନେଇ ଧରାପଡ଼ିଲେ ଅସୁରବନ୍ଧ ଆର୍‌ଆଇ

**ସୋରଡ଼ା, ୫।୯(ଡି.ଏନ.ଏ.)**

ସୋରଡ଼ା ତହସିଲ ଅସୁରବନ୍ଧ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ବସନ୍ତ କୁମାର ମଲିକ ଲାଞ୍ଚ ନେଇ ଭିଜିଲାନ୍ସ ହାବୁଡରେ ପଡିଛନ୍ତି। ଗୁରୁବାର ଅପରାହ୍ନରେ ତାଙ୍କ କାର୍ଯ୍ୟାଳୟ ପରିସରରେ ଜଣେ ମହିଳାଙ୍କ ଠାରୁ ୪୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ କାବୁ କରିଥିଲା। ବ୍ରହ୍ମପୁର ଭିଜିଲାନ୍ସ ଏଏସ୍‌ପି ଶାନ୍ତନୁ କୁମାର ପାଢ଼ୀଙ୍କ ସୂଚନାନୁଯାୟୀ, ତିତ୍‌ଲି ବାତ୍ୟାରେ ପାକଲବାଡ଼ି ଆମ୍ବକୋଣ ଗ୍ରାମର ନକୁଳ ମଲିକ ଭୂତପଙ୍କଳ ନିକଟରେ ବନ୍ୟାଜଳରେ ଭାସିଯାଇ ମୃତ୍ୟୁବରଣ କରିଥିଲେ। ସ୍ତ୍ରୀ ଦୁଃଖୀ ମଲିକଙ୍କୁ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କାର ସହାୟତା ମିଳିଥିଲା। ଏନେଇ ୪୦ହଜାର ଟଙ୍କା ଦେବାକୁ ଆର୍‌ଆଇ ମଲିକ ଦାବି କରିଥିଲେ। କିନ୍ତୁ ଦୁଃଖୀ ଦେଇ ନ ଥିଲେ।

କିଛିଦିନ ପରେ ସେ ଭୂମିହୀନ ପଟ୍ଟା ପାଇଁ ତହସିଲଦାରଙ୍କୁ ଆବେଦନ କରିଥିଲେ। ତହସିଲଦାର ଆର୍‌ଆଇ ମଲିକଙ୍କୁ ଦୁଃଖୀଙ୍କ ସମ୍ପର୍କରେ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆର୍‌ଆଇ ମଲିକ ଏଥିପାଇଁ ୪୦ ହଜାର ଟଙ୍କା ଦୁଃଖୀଙ୍କୁ ମାଗିଥିଲେ। ତେବେ ଦୁଃଖୀ ବୁଧବାର ବ୍ରହ୍ମପୁର ଭିଜିଲାନ୍ସରେ ଜଣାଇଥିଲେ। ଗୁରୁବାର ଏଏସ୍‌ପି ପାଢୀଙ୍କ ନେତୃତ୍ୱରେ ଇନ୍ସପେକ୍ଟର କ୍ରିଷ୍ଣା କୁମାରୀ ପ୍ରଧାନ, ରାଜେନ୍ଦ୍ର କୁମାର ନାୟକ, ନିର୍ମଳ ନାୟକଙ୍କ ସମେତ ଏକ ଟିମ ଅସୁରବନ୍ଧ ଆର୍‌ଆଇ କାର୍ଯ୍ୟାଳୟ ନିକଟରେ ଛପି ରହିଥିଲେ। ଦୁଃଖୀ ରାଜସ୍ୱ ନିରୀକ୍ଷକ ମଲିକଙ୍କୁ ଟଙ୍କା ଦେବାବେଳେ ଭିଜିଲାନ୍ସ ଟିମ୍ ଚଢାଉ କରି କେମିକାଲ ବୋଳା ଟଙ୍କା ତାଙ୍କଠାରୁ ଜବତ କରିଥିଲେ। ତାଙ୍କ ହାତ ଧୂଆ ଯିବାପରେ ରଙ୍ଗ ବାହାରିଥିଲା। ପରେ ତାଙ୍କ ଭଞ୍ଜନଗରସ୍ଥିତ ବାସଭବନରେ ମଧ ଚଢ଼ାଉ କରାଯାଇଥିଲା। ରାଜସ୍ୱ ନିରୀକ୍ଷଙ୍କୁ ଅସୁରବନ୍ଧରୁ ସୋରଡ଼ା ତହସିଲ କାର୍ଯ୍ୟାଳୟକୁ ଅଣାଯାଇଥିଲା। ତହସିଲଦାରଙ୍କ ସହ ଆଲୋଚନା ପରେ ତାଙ୍କୁ ବ୍ରହ୍ମପୁର ନିଆଯାଇଛି। ରାଜସ୍ୱ ନିରୀକ୍ଷକଙ୍କ ଏକ କାରକୁ ମଧ ଭିଜିଲାନ୍ସ ଜବତ କରିଛି।

■ ବିନା ଟଙ୍କାରେ ନିଯୁକ୍ତି ଦେଉନି ହାଉସକିପିଂ ସଂସ୍ଥା

## ୯ ବର୍ଷ କାମ କରିଥିବା ସୁଇପରଙ୍କ ଆତ୍ମହତ୍ୟା ଉଦ୍ୟମ

**ଫୁଲବାଣୀ ଅଫିସ, ୫।୯**

କନ୍ଧମାଳ ଜିଲାରେ ହାଉସକିପିଂ ସଂସ୍ଥା ପକ୍ଷରୁ ନିଯୁକ୍ତି ପାଇଁ ଟଙ୍କା ମଗାଯାଉଛି। ଫୋନରେ ଟଙ୍କା ମଗାଯିବା ଘଟଣା ଭାଇରାଲ ହେବା ପରେ ଜିଲା ପ୍ରଶାସନ ଘଟଣାକୁ ଯେତେ ଚପାଇଦେବାକୁ ଉଦ୍ୟମ କଲେ ବି ତାହା ହେଉନାହିଁ। ୯ବର୍ଷ ଧରି କାମ କରିଥିବା କର୍ମଚାରୀଙ୍କୁ ବି ଟଙ୍କା ମାଗାଯାଉଛି। ଯାହାଫଳରେ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସୁଇପର ଥିବା ଜଣେ ମହିଳା କର୍ମଚାରୀ ମାନସିକ ଭାରସାମ୍ୟ ହରାଇ ମାତ୍ରାଧିକ ବଟିକା ଖାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଏହି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଉଛି। ଗୁରୁବାର କର୍ମଚାରୀ ଜଣଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକି ପୁଣି କାମ କରିବାକୁ କୁହାଯାଇଛି।

ଘଟଣା ସମ୍ପର୍କରେ ମହିଳା କର୍ମଚାରୀ ଜଣକ କହିଛନ୍ତି ଯେ ସେ ୨୦୧୦ରୁ ଉକ୍ତ ମେଡିକାଲରେ କାମ କରୁଛନ୍ତି। ପ୍ରଥମେ ପ୍ରଦତ୍ତା ସଂସ୍ଥା ଜରିଆରେ ଟଙ୍କା ପାଉଥିଲେ। ମାସକୁ ତାଙ୍କୁ ୧୦୦୦, ତାପରେ ୨୦୦୦ ପୁଣି ବଢି ୨୭୦୦ ଟଙ୍କା ମିଳିଥିଲା। ସଂସ୍ଥାର ଚୁକ୍ତି ସରିବା ପରେ କାମ ଦେଖି ମେଡିକାଲ କର୍ତ୍ତୃପକ୍ଷ ପୁଣି କାର୍ଯ୍ୟରେ ରଖିଥିଲେ। ରୋଗୀ କଲ୍ୟାଣ ସମିତି ପାଣ୍ଠିରୁ ମାସିକ ୪୫୦୦ ଟଙ୍କା ମିଳୁଥିଲା । ଏବେ ପ୍ରତ୍ୟୁଷ ସଂସ୍ଥା ନିଯୁକ୍ତି ଦେଉଛି । ଦରମା ବଢ଼ିବ ବୋଲି ଉକ୍ତ ମହିଳା କର୍ମଚାରୀଙ୍କୁ ମେଡିକାଲ ଅଫିସର କହିଥିଲେ । ନୂଆ ସଂସ୍ଥା ଚାକିରି ଦେବ। ହେଲେ ସଂସ୍ଥା ଏଥିପାଇଁ ୨୨ ହଜାର ଟଙ୍କା ନେବ ବୋଲି ତାଙ୍କୁ କୁହାଯାଇଥିଲା। ତେଣୁ ମହିଳା କର୍ମଚାରୀ ଜଣକ ୨୨ ହଜାର ଟଙ୍କା ଦେଇଥିଲେ। ମାସେ ଟଙ୍କା ରଖିବା ପରେ ପୁଣି ତାଙ୍କୁ ଟଙ୍କା ଫେରାଇ ଦିଆଗଲା। କୁହାଗଲା ଯେ, ସଂସ୍ଥା ଆସି ଟଙ୍କା ନେବ। ହେଲେ ଯେଉଁମାନେ ୫୦ରୁ ୬୦ ହଜାର ଟଙ୍କା ଦେଇଛନ୍ତି ସେମାନଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ସମ୍ପୃକ୍ତ ମହିଳା କର୍ମଚାରୀଙ୍କ ନାଁ କାଟି ଦିଆଯାଇଛି। ଫଳରେ ସେ ମାନସିକ ଭାରସାମ୍ୟ ହରାଇ ବୁଧବାର ଗୁଡ଼ାଏ ବଟିକା ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ମେଡିକାଲ ଅଫିସର କୌଣସି ପ୍ରକାର ଏହି ଖବର ପାଇ ଘରକୁ ଆସି ତାଙ୍କୁ ଡାକ୍ତରଖାନା ନେଇଥିଲେ। ପରେ ତାଙ୍କୁ ଆସି ଡ୍ୟୁଟି କରିବାକୁ କୁହାଯାଇଥିଲା।

ଏ ସମ୍ପର୍କରେ ମେଡିକାଲ ଅଫିସର ଅଭିଷେକ ନାୟକଙ୍କୁ ପଚାରିବାରୁ ଟଙ୍କା ମାଗିବା କଥାକୁ ଅସ୍ୱୀକାର କରିବା ସହ ମହିଳା କର୍ମଚାରୀ ଜଣକ ଆତ୍ମହତ୍ୟା ଉଦ୍ୟମ କରିଥିବା ଘଟଣାକୁ ସ୍ୱୀକାର କରିଛନ୍ତି। ଏଥିସହ ନିଯୁକ୍ତି ପାଇଁ ତାଙ୍କ ଡକ୍ୟୁମେଣ୍ଟ ସଂସ୍ଥାକୁ ଦିଆଯାଇଛି ବୋଲି ମଧ କହିଛନ୍ତି। ସେହିପରି ଘଟଣା ନେଇ ହାଉସକିପିଂ ସଂସ୍ଥା ପ୍ରତ୍ୟୁଷର ଜିଲା ଦାୟିତ୍ୱରେ ଥିବା ଅଧିକାରୀ ଲିଙ୍ଗରାଜ ସାହୁ କହିଛନ୍ତି, ଆଧାର ସହ କାଗଜପତ୍ର ମେଳ ଖାଇ ନ ଥିଲା। ତାଙ୍କୁ ସପ୍ତାହେ ମଧରେ ନିଯୁକ୍ତି ଦିଆଯିବ ବୋଲି କହିଛନ୍ତି।

### ଉନ୍ନୟନ କାର୍ଯ୍ୟ ତଦାରଖ କଲେ ପିଡି


ଏନଏସରେ ସମୀକ୍ଷା କରୁଛନ୍ତି ପିଡି ।

**ଚିକିଟି, ୫।୯(ଡି.ଏନ.ଏ.):** ଗଞ୍ଜାମ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ (ପିଡି) ସୁଦାମ ଚରଣ ମଣ୍ଡଳ ଗୁରୁବାର ଚିକିଟି ଏନ୍‌ଏସି ଗସ୍ତ କରି ବିଭିନ୍ନ ଉନ୍ନୟନ କାର୍ଯ୍ୟ ତଦାରଖ କରିଛନ୍ତି। ପିଡି ପ୍ରଥମେ ଏନ୍‌ଏସିରେ ଥିବା ଆହାରକେନ୍ଦ୍ର, ଉଦ୍ୟାନ, ଏସ୍‌ୟୁଏଚ୍ ଗୃହ ବୁଲି ଦେଖିବା ସହିତ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। ପରେ ଏନ୍‌ଏସି ପରିସରରେ ସମୀକ୍ଷା ବୈଠକ କରିଥିଲେ। ଏଥିରେ ସରକାରଙ୍କ ବିଭିନ୍ନ ଯୋଜନା, ସ୍ୱଚ୍ଛଭାରତ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ମହିଳା ସ୍ୱୟଂସହାୟକ ଗୋଷ୍ଠୀ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ବୈଠକରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁଜିତ କୁମାର ଚୌଧୁରୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

■ ଜଙ୍ଗଲରୁ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା

## ପ୍ରତାରଣା ଯୋଗୁ ଆତ୍ମହତ୍ୟା, ଜଣେ ଗିରଫ

**ଜି.ଉଦୟଗିରି, ୫।୯(ଡି.ଏନ.ଏ.)**

ଜି.ଉଦୟଗିରି ଥାନା ପେଟାଗୁଡ଼ା ଜଙ୍ଗଲରୁ ମଙ୍ଗଳବାର ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ବିବାହ ପ୍ରଲୋଭନ ଦେଖାଇ ୨ବର୍ଷ ଶାରିରୀକ ସମ୍ପର୍କ ରଖିବା ପରେ ବିବାହ ପାଇଁ ମନା କରିବାରୁ ମହିଳା ଜଣଙ୍କ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ନଂ.୧୦୭/୧୯ ଦଫା ୩୭୬ (୨) (ଏନ୍)/୩୦୬ ଆଇପିସିରେ ମାମଲା ରୁଜୁକରି ଘଟଣାରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେ ହେଲେ କୁମ୍ଭାରକୁପା ଗ୍ରାମର ବୁଦ୍ଧିସପ୍ତ ମହାନ୍ତି (୨୭)।

ପୋଲିସ ସୂଚନା ଅନୁଯାୟୀ, ମହିଳା ଜଣଙ୍କ ୧୦ ବର୍ଷ ପୂର୍ବେ ରାଇକିଆରେ ବିବାହ କରିଥିଲେ। ସ୍ୱାମୀଙ୍କ ସହ ମନୋମାଳିନ୍ୟ ଯୋଗୁ ପ୍ରାୟ ୩ବର୍ଷ ହେବ ୮ ବର୍ଷର ପୁଅ ଓ ୬ ବର୍ଷର ଝିଅଙ୍କୁ ଶାଶୁଘରେ ଛାଡି ବାପଘରେ ଆସି ରହୁଥିଲେ। ୨ବର୍ଷ ହେବ ଜି.ଉଦୟଗିରିରେ ଏକ ଗ୍ୟାରେଜରେ କାମ କରୁଥିବା ବୁଦ୍ଧିସପ୍ତଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ବୁଦ୍ଧିସପ୍ତ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ଘଟଣାଦିନ ମହିଳାଙ୍କୁ ଫୋନ କରି ସେ ଡାକିଥିଲେ। ଗଣେଶ ପୂଜା ଥିବାରୁ ଉଭୟେ ବୁଲାବୁଲି କରିଥିଲେ। ଅପରାହ୍ନରେ ଖାଇବା ପ୍ୟାକେଟ ଆଣି ନାନ୍ଦା ନିକଟସ୍ଥ ପେଟାଗୁଡ଼ା ଜଙ୍ଗଲକୁ ଯାଇଥିଲେ। ସେଠାରେ ଖାଇବା ପରେ ପୁଣି ଶାରିରୀକ ସମ୍ପର୍କ ରଖିଥିଲେ। ମହିଳା ଜଣଙ୍କ ଯୁବକଙ୍କୁ ବିବାହ କରିବାକୁ କହିବାରୁ ସେ ମନା କରିଦେଇଥିଲେ। ବିବାହ ନ କଲେ ଆତ୍ମହତ୍ୟା କରିବି ବୋଲି ମହିଳା ଜଣକ ଧମକ ଦେଇଥିଲେ। କିନ୍ତୁ ବୁଦ୍ଧିସପ୍ତ ତାଙ୍କ କଥାକୁ ଗୁରୁତ୍ୱ ନଦେଇ ଜଙ୍ଗଲରେ ଶୋଇ ପଡିଥିଲେ। ପରେ ମହିଳା ଜଣକ ନିକଟରେ ଥିବା ଗଛରେ ଚୁନୀରେ ଫାଶି ଲଗାଇ ଆତ୍ମହତ୍ୟା କରିଥିଲେ। ବୁଦ୍ଧିସପ୍ତ ଶବ୍ଦ ଶୁଣି ଉଠି ପଡିଥିଲେ। ତାଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ନ ଥିଲେ ବୋଲି ଜେରା ବେଳେ ଅଭିଯୁକ୍ତ ସୂଚନା ଦେଇଥିବା ଜି.ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା ଓ ଆଇଆଇସି ଚିତ୍ତରଞ୍ଜନ ବେହେରା କହିଛନ୍ତି। ଘଟଣା ପରେ ସେ ଫେରାର ହୋଇଯାଇଥିଲେ। ତାଙ୍କ ମୋବାଇଲ ଫୋନ ଟ୍ରାକିଂ କରି ଗିରଫ କରିଥିଲା।

## ଗୁରୁଦିବସରେ ଆଦର୍ଶ ଶିକ୍ଷକ ସମ୍ମାନ ସମାରୋହ

**ବ୍ରହ୍ମପୁର ଅଫିସ, ୫।୯**

ସ୍ଥାନୀୟ ସାମାଜିକ ଅନୁଷ୍ଠାନ ଯତ୍ନ ଏବଂ ବିବେକାନନ୍ଦ ବିଦ୍ୟାମନ୍ଦିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଗୁରୁଦିବସରେ ଆଦର୍ଶ ଶିକ୍ଷକ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଥିଲା। ଡାଇମଣ୍ଡ ଜୁବିଲି ଟାଉନ ହଲରେ ଆୟୋଜିତ ସମାବେଶରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା ଓ ଅବସରପ୍ରାପ୍ତ ପ୍ରଫେସର ଡ଼. ବିଷ୍ଣୁଚରଣ ଚୌଧୁରୀ ଯଥାକ୍ରମେ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଡିଏର ପୂର୍ବତନ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, କେଦାରନାଥ ମିଶ୍ର ଓ ପ୍ରଫେସର ଜ୍ୟୋତି ନନ୍ଦ ଅନ୍ୟତମ ଅତିଥି ଥିଲେ।

ବିଏମସିର ପୂର୍ବତନ କର୍ପୋରେଟର ତଥା ଜିଲା ମହିଳା ବିଜେଡି ସଭାନେତ୍ରୀ ଆଇନଜୀବୀ ସଂଘମିତ୍ରା ଦଳାଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିଥିମାନେ ମୁଖ୍ୟତଃ ଗୁରୁଦିବସ ପାଳନର ତାତ୍ପର୍ଯ୍ୟ ଏବଂ ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ ନେଇ ଆଲୋକପାତ କରିଥିଲେ। ଗୁରୁ-ଶିଷ୍ୟ ପରମ୍ପରାର ଅତୀତ ଓ ବର୍ତ୍ତମାନ ସମ୍ପର୍କରେ ସମବେତ ବିଦ୍ୟାର୍ଥୀଙ୍କୁ ସଚେତନ କରାଯାଇଥିଲା। ସ୍ୱର୍ଗତ ରାଧାକ୍ରିଷ୍ଣନଙ୍କ ମହାନ ଆଦର୍ଶରେ ବିଦ୍ୟାର୍ଥୀମାନେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦିଆଯାଇଥିଲା।

ଏହି ଅବସରରେ ଭାଗୀରଥି ବେହେରାଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ କବୟତ୍ରୀ ଓ କବିମାନେ ଗୁରୁ ଦିବସକୁ ଆଧାର କରି ସ୍ୱରଚିତ ସାହିତ୍ୟକୃତି ପାଠ କରିଥିଲେ। ଜିଲାର ୧୦ ଆଦର୍ଶ ଶିକ୍ଷକଙ୍କୁ ସମାରୋହରେ ସମ୍ମାନିତ କରାଯାଇଥିଲା। ଶେଷରେ କୁନି କୁନି ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ବର୍ଗର ଅନେକ ମହିଳା ଓ ପୁରୁଷ ଏଥିରେ ଉପସ୍ଥିତ ଥିଲେ।


ଆଦର୍ଶ ଶିକ୍ଷକଙ୍କୁ ସମ୍ମାନିତ କରାଯାଉଛି।

**ସଂକ୍ଷେପରେ**

## ବଦଳିଲା ଏମ୍ଆର୍‌ବି ସ୍କୁଲ୍‌ର ପୁରାତନ ଘଡ଼ି

ପାରଳାଖେମୁଣ୍ଡି,୫।୯(ସ୍ୱ.ପ୍ର.)- ପାରଳାଖେମୁଣ୍ଡିସ୍ଥିତ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟରେ ଲାଗିଥିବା ବହୁ ପୁରାତନ ତଥା ଐତିହ୍ୟ ବହନ କରୁଥିବା ପୁରୁଣା ଘଡ଼ି ବଦଳାଇ ନୂତନ ଘଡ଼ି ଲଗାଯାଇଛି। ପ୍ରକାଶଯୋଗ୍ୟ ଯେ, ମହାରାଜାଙ୍କ ଅମଳରେ ୧୮୫୭ମସିହାରେ ଯେତେବେଳେ ଏହି ବିଦ୍ୟାଳୟ ପ୍ରଥମେ କଲେଜ୍ ଭାବେ ଖୋଲିଥିଲା, ସେତେବେଳେ ଘଡ଼ିଟିକୁ ଏଠାରେ ସ୍ଥାପନ କରାଯାଇଥିଲା। ମହାରାଜା ଘଡ଼ିଟିକୁ ବାହାର ଦେଶରୁ ମଗାଇ ଲଗାଇଥିଲେ ବୋଲି ଶୁଣିବାକୁ ମିଳେ। ତେବେ ୧୯୮୪ ମସିହାରେ ହଠାତ ବନ୍ଦ ହୋଇଯାଇଥିଲା। ଯାହାର ମରାମତି ପାଇଁ ସେହି ବିଦ୍ୟାଳୟର ବହୁ ପୁରାତନ ଛାତ୍ର ବଡ଼ ବଡ଼ ସହରକୁ ଯାଇ ବିଭିନ୍ନ ମରାମତି ସାମଗ୍ରୀ ଆଣିଥିଲେ ମଧ ଘଡ଼ିଟିକୁ କେହି ମରାମତି କରିପାରୁନଥିଲେ। ହେଲେ କିଛିଦିନ ତଳେ ବିଦ୍ୟାଳୟର ୧୯୭୮ ବ୍ୟାଚ୍‌ର କେତେକ ମ୍ୟାଟ୍ରିକ୍ ଛାତ୍ର ମିଳିତ ଭାବେ ନିଜସ୍ୱ ଉଦ୍ୟମରେ ଦିଲ୍ଲୀରୁ ଏକ ନୂତନ ଘଡ଼ି ଆଣି ଗୁରୁବାର ଗୁରୁଦିବସ ଅବସରରେ ବିଦ୍ୟାଳୟରେ ସ୍ଥାପନ କରିଛନ୍ତି। ତାହା ଠିକ୍‌ଭାବେ ଚାଲୁଛି କି ନାହିଁ ଯାଞ୍ଚ କରାଯାଇଥିବାବେଳେ ଆଗାମୀ ଦିନରେ ବହୁ ଆଡମ୍ବରରେ ଏହାର ଶୁଭାରମ୍ଭ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷରେ ପୁରାତନ ଘଡ଼ିଟିକୁ ମହାରାଜାଙ୍କ ସ୍ମୃତି ଉଦ୍ଦେଶ୍ୟରେ କୌଣସି ମ୍ୟୁଜିୟମ୍‌ରେ ରଖାଯିବ ବୋଲି ଜଣାପଡ଼ିଛି।

## ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ

ଶଙ୍କରାଖୋଲ/କ.ନୂଆଗାଁ,୫।୯ (ଡି.ଏନ.ଏ.)- ଚକାପାଦ ଓ ଟିକାବାଲି ବ୍ଲକରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଗୁରୁବାର ଗୁରୁଦିବସ ପାଳିତ ହୋଇଛି। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶିକ୍ଷକ ତଥା ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜା କରିଥିଲେ। ଏହାପରେ ନିଜ ବିଦ୍ୟାଳୟର ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଫୁଲଚନ୍ଦନ ଦେଇ ପୂଜା କରି ଆର୍ଶୀବାଦ ଭିକ୍ଷା କରିଥିଲେ। ପରେ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଉପରେ ଛାତୀଛାତ୍ର ଓ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ବକ୍ତୃତା ପ୍ରଦାନ କରିଥିଲେ। କ. ନୂଆଗାଁ ବ୍ଲକର ବିଭିନ୍ନ ସରକାରୀ, ବେସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଯାଇଛି। ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ସରକାରୀ ଉଚ୍ଚ ବିଦ୍ୟାଳୟ, ନୂଆଗାଁ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କୁଡୁତୁଲି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ କୁଡୁତୁଲି, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ମହାସିଙ୍ଗି, କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ, କନ୍ଧମାଳ ମହାବିଦ୍ୟାଳୟ ଓ ଡିଗ୍ରୀ କଲେଜ ସାରଙ୍ଗଗଡ଼ ସାଇନ୍‌ପଡ଼ା, ଗୁଞ୍ଜିବାଡ଼ି, ସିର୍ତ୍ତିଗୁଡ଼ା ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରମାନେ ଗୁରୁଙ୍କୁ ପୂଜନ କରିଥିଲେ।

■ ଶ୍ରମ କାର୍ଯ୍ୟାଳୟରେ ଦଲାଲ ସକ୍ରିୟ

# ଶ୍ରମିକ କାର୍ଡ ପାଇଁ ଟଙ୍କା ଆଦାୟ ଅଭିଯୋଗ

**ଅତିରିକ୍ତ ଜିଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ**

ଛତ୍ରପୁର,୫।୯(ଡି.ଏନ.ଏ)

ଛତ୍ରପୁରସ୍ଥିତ ଶ୍ରମ କାର୍ଯ୍ୟାଳୟରୁ ଶ୍ରମିକ କାର୍ଡ ଓ ପଞ୍ଜୀକୃତ ଶ୍ରମିକଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ କେତେଜଣ ଦଲାଲ ସକ୍ରିୟ ହୋଇଛନ୍ତି। ଏଥିପାଇଁ ଦୈନିକ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅପ୍ରତିକର ପରିସ୍ଥିତି ସୃଷ୍ଟି ହେଉଛି। ଏପରିକି ଜିଲାପାଳଙ୍କ କାର୍ଯ୍ୟାଳୟ ଓ ଶ୍ରମିକ କାର୍ଯ୍ୟାଳୟ ଆଗରେ ଧାରଣା ମଧ ଦିଆଯାଉଛି। ଏସବୁ କାର୍ଯ୍ୟରେ କେତେକ ୟୁନିୟନର ନେତୃବର୍ଗ ସାମିଲ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଜିଲା ଶ୍ରମ ଅଧିକାରୀ ଦୁର୍ବ୍ୟବହାର କରୁଥିବା ଓ ଶ୍ରମିକମାରଣ ନୀତି ଅବଲମ୍ବନ କରୁଥିବା ଅଭିଯୋଗ କରି ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ମଜଦୁର ସଂଘ, ଶିବସେନା ଶ୍ରମିକ ସଂଘ ଓ ଗଞ୍ଜାମ ଜିଲା ହରିଜନ କଲ୍ୟାଣ ସମିତି ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଥିଲା। ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସହ ଏକ ପ୍ରତିନିଧିଦଳ ମିଶି ଏ ସମ୍ପର୍କରେ ଆଲୋଚନା କରିଥିଲେ। ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବାକୁ ଜିଲା ଶ୍ରମ ଅଧିକାରୀ ଶିବ ନାରାୟଣ ସାହୁଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଜିଲାଶ୍ରମ କାର୍ଯ୍ୟାଳୟରେ ଶ୍ରମ ଅଧିକାରୀ ଉକ୍ତ ୟୁନିୟନଗୁଡିକର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଶ୍ରମିକ କାର୍ଡ ପାଇଁ ପଦକ୍ଷେପ ନିଆଯିବ। ଦୁର୍ବ୍ୟବହାର ଅଭିଯୋଗ ମିଥ୍ୟା ବୋଲି ଜିଲା ଶ୍ରମ ଅଧିକାରୀ ସାହୁ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଅନ୍ୟପକ୍ଷରେ ଖଲ୍ଲିକୋଟ ବ୍ଲକ ଭିକାପଡା, କଇରାସି ଓ ଖୋଜାପଲ୍ଲୀ ଗାଁ ସମେତ ଛତ୍ରପୁର ବ୍ଲକ ବଡମାଧପୁର ପଞ୍ଚାୟତର କେତେଜଣ ଲୋକ ଆସି ଶ୍ରମିକ କାର୍ଡ ପାଇଁ ଗଞ୍ଜାମ ଅଞ୍ଚଳର ଜଣେ ଦଲାଲ ଟଙ୍କା ନେଇଥିବା ନେଇ ଜିଲା ଶ୍ରମ ଅଧିକାରୀଙ୍କ ନିକଟରେ ପୃଥକ ଭାବେ ଲିଖିତ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରାଯିବ ଏବଂ ଏହା ପ୍ରମାଣିତ ହେଲେ ଏ ସମ୍ପର୍କରେ ଶ୍ରମ କମିଶନରଙ୍କୁ ଅବଗତ କରାଯିବ ବୋଲି ଯୋଗାଯୋଗ ବେଳେ ଜିଲା ଶ୍ରମ ଅଧିକାରୀ କହିଛନ୍ତି। ସବୁ ୟୁନିୟନର କର୍ମକର୍ତାଙ୍କୁ ଡାକି ଆଲୋଚନା କରାଯାଇ ଏହି ବ୍ୟବସ୍ଥା କିଭଳି ସରଳୀକରଣ ହେବ ସେ ସମ୍ପର୍କରେ ଶ୍ରମ ଅଧିକାରୀ ସୂଚନା ଦେଇଛନ୍ତି।

## ମଧୁବୈଶ୍ୟ ସମାଜର ବାର୍ଷିକ ବୈଠକ



ବୈଠକରେ ଉପସ୍ଥିତ ସଭ୍ୟମାନେ।

ବୁଗୁଡ଼ା,୫।୯(ଡି.ଏନ.ଏ.)

ବୁଗୁଡା ମଧୁବୈଶ୍ୟ ସମାଜର ବାର୍ଷିକ ବୈଠକ ବୁଧବାର ସ୍ଥାନୀୟ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରକାଶ ଚନ୍ଦ୍ର ସାହୁ ଏଥିରେ ଅଧକ୍ଷତା କରିଥିଲେ। ବୈଠକରେ ସଂଘର ସମ୍ପାଦକ ନୀଳମାଧବ ସାହୁ, କୋଷାଧକ୍ଷ ସନ୍ତୋଷ କୁମାର ସାହୁ, ସହ ସମ୍ପାଦକ ମନୋଜ କୁମାର ସାହୁଙ୍କ ସମେତ ପ୍ରାୟ ୫୦ ଜଣ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ସମାଜର ଉନ୍ନୟନ ଏବଂ ସାଙ୍ଗଠନିକ ସମସ୍ୟା ନେଇ ଆଲୋଚନା ହେବା ସହ ଏହାକୁ ସୁଦୃଢ଼ କରିବାକୁ ସଭ୍ୟମାନେ ଆଲୋକପାତ କରିଥିଲେ। ଆଗାମୀ ୧୫ ତାରିଖରେ ସ୍ଥାନୀୟ ବିରଞ୍ଚି ନାରାୟଣ କଲ୍ୟାଣ ମଣ୍ଡପରେ ଘୁମୁସର ତାଲୁକାର ୧୩ଟି ମୁଠାକୁ ନେଇ କିପରି ମହାସଭା ସୁଚାରୁ ରୂପେ ପରିଚାଳିତ ହେବ ସେନେଇ ମଧ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଉକ୍ତ ସମାବେଶରେ ସମସ୍ତ ସଭ୍ୟ ଯୋଗଦେବାକୁ ନିବେଦନ କରାଯାଇଥିଲା।

■ ସମ୍ପତ୍ତି ବିବାଦକୁ ନେଇ ଧାନତଳି ନଷ୍ଟ, ଆକ୍ରମଣ ଧମକ

# ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ

ଛତ୍ରପୁର,୫।୯(ଡି.ଏନ.ଏ)



ଏସପିଙ୍କୁ ଭେଟିବାକୁ ଆସିଥିବା ଜୟକୃଷ୍ଣ ଓ ଅନ୍ୟମାନେ।

ସମ୍ପତ୍ତି ବିବାଦରୁ ଖଲ୍ଲିକୋଟ ବ୍ଲକ ବାଗଲପୁର ଗାଁର ଜୟକୃଷ୍ଣ ସ୍ୱାଇଁଙ୍କ ଜମିରୁ ତାଙ୍କ ସମ୍ପର୍କୀୟ ଓ ଅନ୍ୟ କେତେଜଣ ଧାନତଳି ଉପାଡି ନଷ୍ଟ କରିଥିଲେ। ଏ ନେଇ ଜୟକୃଷ୍ଣ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ କୌଣସି ପଦକ୍ଷେପ ନିଆ ନ ଯିବାରୁ ଗୁରୁବାର ସେ ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏଙ୍କୁ ଭେଟି ଅଭିଯୋଗ ଜଣାଇଛନ୍ତି। ଜୟକୃଷ୍ଣଙ୍କ ସ୍ତ୍ରୀ ମମତା ଏ ସମ୍ପର୍କରେ ଏସ୍‌ପିଙ୍କୁ କହିବା ସହ ପରିବାରକୁ ଆକ୍ରମଣ ଧମକ ଦିଆଯାଉଥିବାରୁ ସୁରକ୍ଷା ଓ ନ୍ୟାୟ ଯୋଗାଇଦେବାକୁ ନିବେଦନ କରିଥିଲେ। ଧାନତଳି ନଷ୍ଟ କରିବା ଘଟଣାରେ ଖଲ୍ଲିକୋଟ ଥାନାରେ ଉଭୟ ପକ୍ଷରୁ ୨ଟି ମାମଲା ରୁଜୁ ହୋଇଥିବା ଏବଂ ଅତିରିକ୍ତ ଏସପି ସେଠାକୁ ଯାଇ ସ୍ୱତନ୍ତ୍ର ଭାବେ ତଦନ୍ତ କରିବେ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏଥିସହ ଖଲ୍ଲିକୋଟ ଥାନା ଅଧିକାରୀଙ୍କୁ ମଧ ଏହାର ଠିକ୍ ଭାବେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହି ମାମଲାରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସପି କହିଛନ୍ତି। ମମତା ସ୍ୱାଇଁ, ଜୟକୃଷ୍ଣ ସ୍ୱାଇଁ ଏବଂ ଅନ୍ୟମାନେ ନ୍ୟାୟ ପାଇଁ ଏସପି ସ୍ମାରକପତ୍ର ପ୍ରଦାନ କରିଥିଲେ।

## ପ୍ରାଥମିକ ଚିକିତ୍ସା ସମ୍ପର୍କିତ ତାଲିମ ଶିବିର

ଦିଗପହଣ୍ଡି,୫।୯(ଡି.ଏନ.ଏ.)

ଦିଗପହଣ୍ଡିଠାରେ ବୁଧବାର ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଅବସରରେ ପ୍ରାଥମିକ ଚିକିତ୍ସା ସମ୍ପର୍କିତ ତାଲିମ ଶିବିର ଆୟୋଜିତ ହୋଇଯାଇଛି। ସେଣ୍ଟ ଜନ ଆମ୍ବୁଲାନ୍ସ ଓଡ଼ିଶା ଅନୁଷ୍ଠାନ ଗଞ୍ଜାମ ଜିଲା ଶାଖା ପକ୍ଷରୁ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ପରିସରରେ ଏହା ଅନୁଷ୍ଠିତ ହୋଇଥିଲା। ତାଲିମ ଶିବିରକୁ ଅନୁଷ୍ଠାନର କାର୍ଯ୍ୟକର୍ତ୍ତା ପ୍ରଦୀପ କୁମାର ମହାପାତ୍ର ସଂଯୋଜନା କରିଥିଲେ। ବିଡ଼ିଓ ହଳଧର ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିପିଓ ରମାକାନ୍ତ ଚୌଧୁରୀ, ବ୍ଲକ ସରପଞ୍ଚ ସଂଘ ସଭାପତି କେ. ହରିବନ୍ଧୁ ରେଡ୍ଡୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯେ କୌଣସି ଦୁର୍ଘଟଣା ପରେ ପ୍ରାଥମିକ ଚିକିତ୍ସା ସମସ୍ତଙ୍କ ପାଇଁ ଜରୁରୀ। ତେଣୁ ଏ ନେଇ ସମସ୍ତଙ୍କ ପାଇଁ ତାଲିମ ନେବାର ଆବଶ୍ୟକତା ରହିଛି ବୋଲି କହିଥିଲେ।



ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରାଥମିକ ଚିକିତ୍ସା ପୁସ୍ତକ ଉନ୍ମୋଚନ କରାଯାଉଛି।

## ପ୍ରାଥମିକ ଶିକ୍ଷକ ସଂଘର ପୃଥକ ଗୁରୁ ଦିବସ



ମଞ୍ଚାସୀନ ଅତିଥିବୃନ୍ଦ।

ବେଗୁନିଆପଡ଼ା,୫।୯(ଡି.ଏନ.ଏ.)

ବେଗୁନିଆପଡ଼ା ବ୍ଲକ ଜନତା ନୋଡ଼ାଲ ହାଇସ୍କୁଲରେ ଏହି ବ୍ଲକର ନୂତନ ପେନସନ ଭୋଗୀ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁ ଦିବସ ପାଳିତ ହୋଇଯାଇଛି। ଏଥିରେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗଦେଇ ଗୁରୁ-ଶିଷ୍ୟ ସମ୍ପର୍କ ଓ ଉଭୟଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱ ବିଷୟ ଉପରେ ଆଲୋକପାତ କରିଥିଲେ। ଏଥିରେ କୋଦଳା ତହସିଲଦାର ପ୍ରଭାତ କୁମାର ପରିଡା, ଅଧକ୍ଷ ପ୍ରତିନିଧି ବିଜୟ କୁମାର ଦୋରା, ଉପାଧକ୍ଷ ଭ୍ରମର ଭୂୟାଁ, ଗୋଷ୍ଠୀ ଶିକ୍ଷାଧିକାରୀ କମଳାକାନ୍ତ ସାହୁ, ସମାଜିକକର୍ମୀ ମହେଶ୍ୱର ବରାଡ଼, ପ୍ରଧାନ ଶିକ୍ଷକ କେ. ଭୀମରାଜୁ ପାତ୍ର, ସଂଘ ସଭାପତି ପ୍ରଭାସ ରଞ୍ଜନ ସାହୁ, ସମ୍ପାଦକ ପଙ୍କଜ କୁମାର ବେହେରା ଯୋଗଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଅନ୍ୟପକ୍ଷରେ ପି. ନୂଆଗାଁସ୍ଥିତ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ପ୍ରାଥମିକ ପେନସନ ଭୋଗୀ ଶିକ୍ଷକଙ୍କ ତରଫରୁ ଅନ୍ୟ ଏକ ଗୁରୁ ଦିବସ ପାଳିତ ହୋଇଯାଇଛି। ଏଥିରେ ସନାତନ ପ୍ରଧାନ, ଅନ୍ତର୍ଯ୍ୟାମୀ ଜେନା, ସୁବାସ ଚନ୍ଦ୍ର ନନ୍ଦ, ମନୋରଞ୍ଜନ ସାମନ୍ତ, ଦୁର୍ଯ୍ୟୋଧନ ନାୟକଙ୍କ ବିୟୋଗରେ ଶୋକ ପ୍ରକାଶ କରିଥିବା ବେଳେ ଅବସରପ୍ରାପ୍ତ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଡିଆଇ ଚନ୍ଦ୍ର ଶେଖର ପଟ୍ଟନାୟକ, ମୁଖ୍ୟବକ୍ତା ଅଧାପକ ପୂର୍ଣ୍ଣଚନ୍ଦ୍ର ରଥ, ରବୀନ୍ଦ୍ର ମିଶ୍ର, ବରିଷ୍ଠ ଶିକ୍ଷାବିତ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଗୌର କିଶୋର ମହାରଣା, ଲୋଚନ ଜେନା, ସଭାପତି ନାରାୟଣ ଭୂୟାଁ, ସମ୍ପାଦକ ଜୟଦେବ ଜେନା ଯୋଗଦେଇ ସମାଜରେ ଶିକ୍ଷକଙ୍କ ଭୂମିକା, ଗୁରୁ-ଛାତ୍ରର ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। ଗୋଟିଏ ବ୍ଲକରେ ଶିକ୍ଷକ ଭଳି ସମ୍ମାନନୀୟ ବ୍ୟକ୍ତିଙ୍କ ପୃଥକ୍ ପୃଥକ୍ ଗୁରୁଦିବସ ପାଳନକୁ ସାଧାରଣରେ ନାପସନ୍ଦ କରିଥିବା ବେଳେ ସମାଜକୁ କି ଶିକ୍ଷା ଦେବ ବୋଲି ପ୍ରଶ୍ନ ସୃଷ୍ଟି କରିଛି।

# ଦିନକରେ ୩.୨୭ ଲକ୍ଷ ଟଙ୍କା ଜରିମାନା ଆଦାୟ

**ଟ୍ରାଫିକ ନିୟମ ଉଲ୍ଲଂଘନ**

ଛତ୍ରପୁର,୫।୯(ଡି.ଏନ.ଏ)

ସଂଶୋଧିତ ମୋଟରଯାନ ଆଇନ ଜତ ୧ ତାରିଖରୁ ଲାଗୁ ହେବା ପରେ ଗଞ୍ଜାମ ଜିଲାର ବିଭିନ୍ନ ଥାନା ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଧରପଗଡ ଚାଲିଛି। ନିୟମ ଉଲ୍ଲଂଘନକାରୀଙ୍କ ଠାରୁ ବର୍ଦ୍ଧିତ ଜରିମାନା ଆଦାୟ କରାଯାଉଛି। ସିସିଟିଭି ଆଧାରରେ ଚାଲାଣ, ଡିଭାଇସ ଚାଲାଣ ଓ ମାନୁଆଲ ଚାଲାଣ ନିୟମ ଉଲ୍ଲଂଘନକାରୀଙ୍କ ପାଇଁ ପୋଲିସ ଓ ଆରଟିଓ ଅଫିସର କର୍ମଚାରୀ କାଟୁଛନ୍ତି। ବ୍ରହ୍ମପୁର ସହରରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ବିଭିନ୍ନ ଛକରେ ସିସି କ୍ୟାମେରା ଲଗାଯାଇଛି। ସେହିପରି ବିଭିନ୍ନ ଥାନାଗୁଡିକୁ ଜରିମାନା ଆଦାୟ ପାଇଁ ଡିଭାଇସ ଚାଲାଣ ମେଶିନ୍ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଡିଭାଇସ ଦ୍ୱାରା ୯୨ ଜଣ ନିୟମ ଉଲ୍ଲଂଘନକାରୀଙ୍କ ପାଇଁ ଚାଲାଣ କଟାଯାଇଥିଲା। ଏଥିରୁ ୭୫ଟି ଚାଲାଣ ବାବଦରେ ଜରିମନା ଅର୍ଥ ଆଦାୟ ହୋଇଛି। ୧୭ଟି ଚାଲାଣ ପେଣ୍ଡିଂ ରହିଛି। ଆହୁରି ଜଣାଯାଇଛି, ଗୁରୁବାର ନିୟମ ଉଲଂଘନକାରୀଙ୍କ ଉପରେ ମୋଟ ୩ ଲକ୍ଷ ୨୭ ହଜାର ୩୮୦ ଟଙ୍କା ଜରିମାନା ହୋଇଛି । ଜରିମାନା ବାବଦରେ ମୋଟ ୧ ଲକ୍ଷ ୨୮ ହଜାର ୪୦୦ ଟଙ୍କା ଆଦାୟ ହୋଇଛି। ଆହୁରି ୧ ଲକ୍ଷ ୯୮ ହଜାର ୯୮୦ ଟଙ୍କା ଆଦାୟ ହେବାକୁ ବାକି ରହିଥିବା ଗଞ୍ଜାମ ଆରଟିଓଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ସୂଚନାଯୋଗ୍ୟ, ଜିଲାରେ ୨ଟି ଆର୍‌ଟିଓ କାର୍ଯ୍ୟାଳୟ ଗଞ୍ଜାମ ଓ ଭଞ୍ଜନଗରରେ କାର୍ଯ୍ୟ କରୁଛି।

**ସକ୍ରିୟ ହେଉନି ଗାଁ କଲ୍ୟାଣ ସମିତି**

# ପ୍ରଦୂଷିତ ଗାଁ ପରିବେଶ, ଡେଙ୍ଗୁ ବ୍ୟାପିବା ଆଶଙ୍କା

ଧରାକୋଟ,୫।୯(ଡି.ଏନ.ଏ.)

ସୁସ୍ଥ ଓ ନିରାମୟ ଜୀବନଯାପନ ପାଇଁ ସୁସ୍ଥ ପରିବେଶ ଆବଶ୍ୟକ। ପରିବେଶ ପରିଚ୍ଛନ୍ନତା ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି। ଧରାକୋଟ ବ୍ଲକରେ ୧୫୬ ଗାଁ କଲ୍ୟାଣ ସମିତି ଗଠନ ହୋଇଛି। ପ୍ରତି ସମିତିକୁ ବାର୍ଷିକ ୮୨୦୦ ଟଙ୍କା ଏବଂ ଆଶା କର୍ମୀଙ୍କୁ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ ଏବଂ ବୈଠକ କରାଇବା ପାଇଁ ୧୮୦୦ ଟଙ୍କା ଅନୁଦାନ ଦିଆଯାଉଛି। ଗାଁ କଲ୍ୟାଣ ସମିତି ସଭାପତି ରାଜସ୍ୱ ଗ୍ରାମର ୱାର୍ଡସଭ୍ୟ ରହୁଥିବା ବେଳେ ଅଙ୍ଗନୱାଡ଼ି କର୍ମୀ ଆବାହିକା, ଆଶା କର୍ମୀ ସହଯୋଗକାରୀ, ଗାଁର ଯୁବକ ସଂଘ ସଭାପତି, ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଏବଂ ପଞ୍ଚାୟତ ଏସଇଏମ୍ ପ୍ରମୁଖ ମେମ୍ବର ରହିଛନ୍ତି । ଗାଁ କଲ୍ୟାଣ ସମିତିର ମୁଖ୍ୟ କାର୍ଯ୍ୟ ପରିବେଶ ସ୍ୱଚ୍ଛ ରଖିବା, ସ୍ୱାସ୍ଥ୍ୟଭିତ୍ତିକ ସଚେତନତା, ରାସ୍ତାପାର୍ଶ୍ୱରୁ ସଫା ରଖିବା, ପାଣି ଜମିବାକୁ ନ ଦେବା ଏବଂ ମଶାବଂଶ ବୃଦ୍ଧି ରୋକିବା। ହେଲେ ଅଧିକାଂଶ ଗାଁର ବାସ୍ତବ ଚିତ୍ର ଦେଖିଲେ ଗାଁ କଲ୍ୟାଣ ସମିତି କିପରି ଚାଲିଛି ତାହା ସ୍ପଷ୍ଟ ଅନୁମେୟ । ଗାଁର ମୁଖ୍ୟ ପ୍ରବେଶ ପଥ ହେଉ କିମ୍ବା ଶେଷ ନଚେତ ରାସ୍ତାକଡ଼ ସବୁଠି କୁଢ଼ କୁଢ଼ ଆବର୍ଜନା। ବର୍ଷା ପାଣି ଜମି ରହୁଥିବାରୁ ମଶାବଂଶ ବୃଦ୍ଧିରେ ଏହା ସହାୟକ ହେଉଛି। ସ୍ୱାସ୍ଥ୍ୟକାନ୍ଥଠାରୁ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ମାଳ ମାଳ ସଚେତନତା ପୋଷ୍ଟର ଦେଖିବାକୁ ମିଳୁଛି। ବାସ୍ତବରେ ଏହା କେତେ କାର୍ଯ୍ୟକାରୀ ହେଉଛି ଏବଂ ଏହାର ତଦାରଖ ଦାୟିତ୍ୱ କାହାର ବୁଝି ହେଉନାହିଁ। ଏଥିପ୍ରତି ଏବେଠୁ ସଚେତନ ନ ହେଲେ ଶେରଗଡ଼, ହିଞ୍ଜିଳି ପରେ ଧରାକୋଟକୁ ଡେଙ୍ଗୁ ବ୍ୟାପିବା ଆଶଙ୍କା ରହିଛି।



କୁଢ଼ କୁଢ଼ ଆବର୍ଜନା

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁପୂଜନ

ଭଞ୍ଜନଗର,୫।୯(ଡି.ଏନ.ଏ.)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟର ସମସ୍ତ ବିଭାଗରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଡ. ନୀଳାଞ୍ଚଳ ମୁନି ସମସ୍ତ ବିଭାଗର ଉତ୍ସବରେ ଅଧକ୍ଷତା କରି ଗୁରୁଶିଷ୍ୟ ସମ୍ପର୍କ ଉପରେ କହିଥିଲେ। ସେହିଭଳି ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସାବିତ୍ରୀ ମହିଳା ମହାବିଦ୍ୟାଳୟ, ସାଇ ଗୁରୁକୂଳ ଆବାସିକ ବିଦ୍ୟାଳୟ, ଘୁମୁସର ଆବାସିକ ମହାବିଦ୍ୟାଳୟ, ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ମୁଜାଗଡ଼ ହାଇସ୍କୁଲ, ସତ୍ୟସାଇ ବିଦ୍ୟା ବିହାର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପ୍ରମୁଖ ସ୍ଥାନରେ ଗୁରୁ ଦିବସ ପାଳିତ ହୋଇଯାଇଛି।

**ଦାରିଙ୍ଗବାଡ଼ି:** ଦାରିଙ୍ଗବାଡ଼ି ବ୍ଲକ ପାଙ୍ଗାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁଦିବସ ପାଳନ ସହ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କାଥାରିନା ପ୍ରଧାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟ ଅତିଥି ଭାବେ ବିଇଓ ବ୍ରହ୍ମାନନ୍ଦ ରାଉତ ଯୋଗଦେଇ କାଥାରିନାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ପ୍ରଧାନ ଶିକ୍ଷକ ହରିହର ନାୟକ ଏଥିରେ ଅଧକ୍ଷତା କରିଥିବାବେଳେ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଦାସରଥୀ ମହାରଣା ମୁଖ୍ୟ ବକ୍ତା ଯୋଗଦେଇଥିଲେ। ସେହିପରି ସ୍ୱଚ୍ଛତା ପକ୍ଷ ପାଳନ ନିମନ୍ତେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଏକ ନାଟକ ମଞ୍ଚସ୍ଥ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଶିକ୍ଷକ କଲ୍ୟାଣ ମହାସଂଘର କର୍ମକର୍ତ୍ତା ବିଧୁଭୂଷଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



ଦାରିଙ୍ଗବାଡି ବ୍ଲକ ପାଙ୍ଗାଲି ୟୁପି ସ୍କୁଲରେ ଗୁରୁପୂଜନ।

**ଜି.ଉଦୟଗିରି:** ଜି.ଉଦୟଗିରିର ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ଗୁରୁ ଦିବସ ପାଳନ କରାଯାଇଛି। ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଅନୁଷ୍ଠାନର ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ବଳରାମ ସାହୁ ଓ ଶିଶୁ ଲେଖକ ନିରୋଦ କୁମାର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନେ ଗୁରୁ ଦିବସ ସମ୍ପର୍କରେ କହିଥିଲେ। ଗୁରୁମା ଶୁଭଶ୍ରୀ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଇନ୍ଦିରା ପ୍ରିୟଦର୍ଶିନୀ ମହିଳା କଲେଜରେ ଅଧକ୍ଷ ଶିବରାମ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧାପିକା ଡ. ବବିତାରାଣୀ ପଟ୍ଟନାୟକ, ଅଧାପିକା ସସ୍ମିତା ଦାଶ ଭାରତୀୟ ପରମ୍ପରାରେ ଗୁରୁ ଶିଷ୍ୟର ସମ୍ପର୍କ ଉପରେ ଆଲୋକପାତ କରିଥିଲେ।

**ବୁଗୁଡ଼ା:** ବୁଗୁଡ଼ା ବ୍ଲକ ଓ ଏନ୍‌ଏସିର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ନିୟୁଏରା ପବ୍ଲିକ ସ୍କୁଲରେ ଅଧକ୍ଷ ଦେବେନ୍ଦ୍ର କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଅନିଲ ପଟ୍ଟନାୟକ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ଗୁରୁପୂଜନ କରିଥିଲେ। ସେହିପରି ତାକରଡ଼ା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀ, ତାଳଶାକର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର, ସରସ୍ୱତୀ ଶିଶୁ ମନ୍ଦିର, ଶୋଭନୀୟ ପବ୍ଲିକ ସ୍କୁଲ ଆଦିରେ ଛାତ୍ରୀଛାତ୍ରମାନେ ଗୁରୁପୂଜନ କରିଛନ୍ତି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସ୍ଥାନୀୟ ବଳଦେବ ମନ୍ଦିର କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ୧୦ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସଂଘର ସଭାପତି ମନୋରଞ୍ଜନ ଦାଶ ଅଧକ୍ଷତା କରିଥିଲେ।

**ପୋଲସରା:** ପୋଲସରା ସହରସ୍ଥିତ ଶିକ୍ଷକ ଭବନ ପରିସରରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଡ଼. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଫଟୋରେ ପୁଷ୍ପ ମାଲ୍ୟାର୍ପଣ ପରେ ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଗୁରୁ ଶିଷ୍ୟ ପରମ୍ପରା ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବିଡିଓ ଶମ୍ଭୁନାଥ ନନ୍ଦି, ବିଇଓ ତ୍ରିଲୋଚନ ତ୍ରିପାଠୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବାଳକୃଷ୍ଣ ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ। ୭ ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ପୋଲସରା ସରସ୍ୱତୀ ଶିଶୁ ମନ୍ଦିର, ଲିଙ୍ଗରାଜ ବାଳିକା ଉଚ୍ଚ ବିଦ୍ୟାଳୟ, ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ସମେତ ପୋଲସରାଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ପାଳିତ ହୋଇଥିଲା।

**ଚନ୍ଦ୍ରଗିର:** ଚନ୍ଦ୍ରଗିରି ଅଞ୍ଚଳର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ବାଳକ ଉଚ୍ଚ ବିଦ୍ୟାଳୟ, ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବାଳିକା ଉଚ୍ଚ ବିଦ୍ୟାଳୟ ଭଳି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଚନ୍ଦ୍ରଗିରି ଲିଟିଲ ଏଞ୍ଜେଲ୍ସ ମୋଡେନ ସ୍କୁଲରେ ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଲବାରସିଙ୍ଗ ତୀବ୍ବତୀୟ ମନ୍ଦିରର ଗୁରୁଜୀ ସୋନାମ ଟେସି ଯୋଗ ଦେଇଥିଲେ। ଗୁରୁଜୀ ବିଦ୍ୟାଳୟକୁ ଟେବୁଲ ବେଞ୍ଚ ପ୍ରଦାନ କରିଥିଲେ।

**ହିଞ୍ଜିଳିକାଟୁ:** ହିଞ୍ଜିଳିକାଟୁର ବିଭିନ୍ନ ସ୍ଥାନରେ ଗୁରୁ ପୂଜନ ଉତ୍ସବ ପାଳିତ ହୋଇଯାଇଛି। ଲକ୍ଷ୍ମୀ ନୃସିଂହ କଳାମନ୍ଦିର ପକ୍ଷରୁ ସନ୍ଧ୍ୟାରେ କଳା ମନ୍ଦିର ରଙ୍ଗ ମଞ୍ଚରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁ ଭୁବନେଶ୍ୱର ସେନାପତି, ସତ୍ୟନାରାୟଣ ସାହୁ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ବେସରକାରୀ ଓ ସରକାରୀ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ପାଳିତ ହୋଇଯାଇଛି। ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ଓ ଶିକ୍ଷକ କଲ୍ୟାଣ ସଂଘ ପକ୍ଷରୁ ଗୁରୁପୂଜନ ଓ ବନ୍ଦନା ଉତ୍ସବ ଲକ୍ଷ୍ମୀ ନୃସିଂହ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଡ଼ିଓ ପ୍ରସନ୍ନ କୁମାର ପାତ୍ର, ବିଇଓ ବସନ୍ତ କୁମାର ପଣ୍ଡା, କୁକୁଡ଼ାଖଣ୍ଡି ବିଇଓ ଏସ୍. ଗିରିଧାରୀ ପ୍ରମୁଖ ଯୋଗ ଦେଇଥିଲେ।



ପିତା ଯଦି ଚରିତ୍ରବାନ ହୋଇଥାନ୍ତି, ସେ ନିଜର ସନ୍ତାନ ପାଇଁ କିଛି ଧନ ସଞ୍ଚି ନ ପାରିଲେ ମଧ ସନ୍ତାନ ଗୋଟିଏ ଅମୂଲ୍ୟ ଐତିହ୍ୟର ଉତ୍ତରାଧିକାରୀ ହୋଇଯାଏ।
- ମାକ୍‌ଲିଓଡ଼୍

## ସଂକ୍ଷେପରେ

### ୱାଇଲ୍ଡ ଲାଇଫ୍ ପତ୍ରିକା ଉନ୍ମୋଚିତ

ଜୟପୁର,୫।୯(ଡି.ଏନ୍.ଏ./ନି.ପ୍ର.): ଜାତୀୟ ବନ୍ୟଜନ୍ତୁ ଦିବସ ଅବସରରେ ବନ୍ୟଜନ୍ତୁ ଉଦ୍ଧାରକାରୀ ଦଳ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ବନ୍ୟଜନ୍ତୁ ଓ ପକ୍ଷୀଙ୍କ ସୁରକ୍ଷା ପାଇଁ ୱାଇଲ୍ଡ ଲାଇଫ୍ ପତ୍ରିକା ବୁଧବାର ଉନ୍ମୋଚିତ ହୋଇଛି। ବୈପାରୀଗୁଡ଼ାସ୍ଥିତ ବିଏସ୍ଏଫ୍‌ର ୧୩ତମ ବାଟାଲିୟନ କମାଣ୍ଡାଣ୍ଟ ଦୀପକ କଣ୍ଡପାଲ୍ ମୁଖ୍ୟ ଅତିଥି ଭାବେ ଏହାର ଉନ୍ମୋଚନ କରିଥିଲେ। ଏହି ପତ୍ରିକା ବିଭିନ୍ନ ବନ୍ୟଜନ୍ତୁ, ପରିବେଶ ଓ ଜଙ୍ଗଲ ସୁରକ୍ଷା ସ୍ୱତନ୍ତ୍ର ଦିବସରେ ପ୍ରକାଶିତ ହେବ ବୋଲି ବନ୍ୟଜନ୍ତୁ ଉଦ୍ଧାରକାରୀ ଦଳର ମୁଖ୍ୟ ତଥା ସଂପାଦକ କୃଷ୍ଣ କେଶବ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି। ପତ୍ରିକାରେ ଛାତ୍ରୀଛାତ୍ର ଦିପ୍ତି ସାହୁ, ଶୁଭଶ୍ରୀ ସାହୁ, ତାରା ପ୍ରସାଦ ଦାଶ, ଅବସପ୍ରାପ୍ତ ବ୍ୟାଙ୍କ ଅଧିକାରୀ ବସନ୍ତ ପାତ୍ର, ପାର୍ଥ ପ୍ରତିମ ପାତ୍ର, ବିଏସ୍ଏଫ୍ ଅଧିକାରୀ ଭୂପେନ୍ଦ୍ର ପ୍ରତାପ ସିଂ, ରାଜୀବ ଦୁବେ ମତାମତ ରଖିଛନ୍ତି।

### ପୂଜା ପାଇଲେ ଗୁରୁ

ଜୟପୁର,୫।୯(ନି.ପ୍ର./ଡି.ଏନ୍.ଏ.): ଜୟପୁରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁରୁ ଦିବସ ପାଳିତ ହୋଇଛି । ଅରବିନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଭାପତି ମୀନକେତନ ପରିଚ୍ଛାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ କିଶୋର ଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଲକ୍ଷ୍ମୀକାନ୍ତ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲଣ। ସେହିପରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁବାଳା ମୁନି ଓ ସରକାରୀ ବାଳିକା ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପାଢ଼ୀଙ୍କ ତତ୍ତ୍ୱାବଧାନରେ ଗୁରୁ ଦିବସ ପାଳିତ ହୋଇଥିଲା। ଶାରଦା ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ଗୁରୁ ପୂଜନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଓମ୍‌ପ୍ରକାଶ ମିଶ୍ର ଯୋଗଦେଇ ମହାନ ଗୁରୁଶିଷ୍ୟ ପରମ୍ପରାର ଅବତାରଣା କରିଥିଲେ। ଏହି ସଭାରେ ପରିଚାଳନା କମିଟି ଉପସଭାପତି ପରମେଶ୍ୱର ପାତ୍ର ଓ ପ୍ରଧାନଆଚାର୍ଯ୍ୟ ପ୍ରସନ୍ନ ବସ୍ତିଆ ଉପସ୍ଥିତ ଥିଲେ। ସେହିପରି ବିଜ୍ଞାନ ଇଣ୍ଟରନ୍ୟାସନାଲ ସ୍କୁଲରେ ମଧ ଗୁରୁ ଦିବସ ପାଳିତ ହୋଇଥିଲା।

### ୨ ମୋବାଇଲ ଚୋର ଗିରଫ

ଦଶମନ୍ତପୁର, ୫।୯(ଡି.ଏନ.ଏ.): କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଚୋରଙ୍କ ପ୍ରାଦୁର୍ଭାବ ବଢ଼ୁଛି, ଯାହା ପୋଲିସ୍ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା। ତେବେ ସ୍ଥାନୀୟ ପୋଲିସ ବୁଧବାର ଏକ ଚୋରି ର୍ୟାକେଟର ୨ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗଣେଶପୂଜା ପାଇଁ ଲୁଲା ପଞ୍ଚାୟତର ଶୁକ୍ରାପୁଟ ଗ୍ରାମରେ ସାଜସଜ୍ଜା ଚାଲିଥିଲା। ଏହି ସମୟରେ ୨ ଚୋର ରାସ୍ତାକଡ଼ରେ ଥିବା ଭୁବନ ନାୟକଙ୍କ ଦୋକାନରେ ଚାର୍ଜରେ ବସିଥିବା ୨ଟି ମୋବାଇଲ୍ ଚୋରି କରିନେଇଥିଲେ। ସାଜସଜ୍ଜା ପରେ ସମସ୍ତେ ୱାଟର୍ ସେଡ ଗୃହରେ ଗଭୀର ନିଦରେ ଶୋଇଥିବା ଦେଖି ଆଉ ୩ ମୋବାଇଲ୍ ମଧ ଚୋରି କରି ନେଇଥିଲେ। ଏହାସହ ଦୋକାନ୍‌ରେ ଥିବା ୧୫୦୦ ଟଙ୍କା ମଧ ଚୋରି ହୋଇଥିଲା। ଏ ସମ୍ପର୍କରେ ଭୁବନ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଏଏସ୍ଆଇ ବିଜୟକେତନ ପଣ୍ଡା ଏବଂ ବାବୁଲା ପ୍ରଧାନ ଟିମ୍ ଶୁକ୍ରାପୁଟ ଗ୍ରାମର ରମେଶ ବେନ୍ୟା ଏବଂ ପୋଡୁଗୁଡ଼ି ଗ୍ରାମର ଜୁନେଶ ଚେଚ୍ଛିଙ୍କୁ ଗିରଫ କରିଥିଲେ। ପୋଲିସ ଚୋରି ହୋଇଥିବା ୧୫୦୦ ଟଙ୍କା ଏବଂ ୫ ମୋବାଇଲ ଜବତ କରିଥିବା ଜଣାପଡ଼ିଛି। ଏମାନେ ପୂର୍ବରୁ ଅନେକ ଚୋରି ଘଟଣାରେ ସଂପୃକ୍ତ ରହିଛନ୍ତି। ଥାନାରେ କେସ୍ ନଂ-୮୧/୧୯ରେ ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ ଏଏସ୍ଆଇ ପଣ୍ଡା ସୂଚନା ଦେଇଛନ୍ତି।

# ପ୍ରବଳ ବର୍ଷା: ଖୋଲିଲା ୩ ଡ୍ୟାମ୍‌ର ୬ ଗେଟ୍

■ ୨ ଦିନରେ ଭାଙ୍ଗିଲାଣି କୋରାପୁଟ ଜିଲା ଅଧୀନ ୩ ବ୍ଲକର ୭୮ ଘର

■ ପ୍ରଥମ କରି ଖୋଲିଲା ଜଳାପୁଟ ମୁଖ୍ୟ ଡ୍ୟାମ୍‌ର ୨ ଗେଟ୍

■ ଇନ୍ଦ୍ରାବତୀର ୨, ତେଲେଙ୍ଗିରିର ୨ ଗେଟ୍ ଖୋଲିଲା

କୋରାପୁଟ,୫।୯(ସ୍ୱ.ପ୍ର.)

କିଛିଦିନ ହେଲା ପ୍ରବଳ ବର୍ଷା ଲାଗି ରହିଥିବା ଯୋଗୁ କୋରାପୁଟ ଜିଲାର ବିଭିନ୍ନ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇଛି। ଫଳରେ ଗୁରୁବାର ପ୍ରଥମଥର ମାଛକୁଣ୍ଡ ପ୍ରକଳ୍ପର ଜଳାପୁଟସ୍ଥିତ ମୁଖ୍ୟଡ୍ୟାମ୍‌ର ୨ଟି ଗେଟ୍ ଖୋଲିଛି। ସେହିପରି ଖାତୀଗୁଡ଼ାସ୍ଥିତ ଇନ୍ଦ୍ରାବତୀ ଡ୍ୟାମ୍ ଓ ତେଲେଙ୍ଗିରି ଡ୍ୟାମ୍‌ର ଦୁଇଟି ଗେଟ୍ ଖୋଲାଯାଇଛି। ଏହି ଲଗାଣ ବର୍ଷା ଯୋଗୁ ଗତ ୨ ଦିନ ଭିତରେ କୋରାପୁଟ ଜିଲା ଅଧୀନ ୩ଟି ବ୍ଲକର ୭୮ଟି ଘର ଭାଙ୍ଗିଛି।

ଉଲ୍ଲେଖଯୋଗ୍ୟ, ଜଳାପୁଟ ଡ୍ୟାମ୍‌ର ବିପଦ ସଙ୍କେତ ଜଳସ୍ତର ୨୭୫୦ ଫୁଟ ହୋଇଥିବାବେଳେ ଗୁରୁବାର ଏହା ୨୭୪୮ ଫୁଟ ରହିଥିଲା। କିଛି ବର୍ଷ ମଧ୍ୟରେ ଜଳାପୁଟ ଡ୍ୟାମ୍‌ର ପ୍ରଥମ କରି ୨ଟି ଗେଟ୍ ୬ ଓ ୭ ନମ୍ବର ଖୋଲାଯାଇଥିବା ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେହିପରି ଖାତୀଗୁଡ଼ାସ୍ଥିତ ଇନ୍ଦ୍ରାବତୀ ଡ୍ୟାମ୍‌ର ଦୁଇଟି ଗେଟ୍ ଗୁରୁବାର ଖୋଲାଯାଇଛି । ବର୍ତ୍ତମାନ ଡ୍ୟାମ୍‌ର ଜଳସ୍ତର ୬୪୦.୮୧ ମିଟର ରହିଥିବାବେଳେ ବର୍ଷା ଜଳ କମିବା ପାଇଁ ଦୁଇଟି ଗେଟ୍ ଏକ ମିଟର ଲେଖାଏଁ ଖୋଲାଯାଇଛି । ସେହିପରି ଏହି ଗେଟ ଖୋଲାଯିବା ଦ୍ୱାରା କୋରାପୁଟ ଜିଲାର ସୁରଲି ଓ ଯଅଁରା ନଦୀର ଜଳସ୍ତର ବୃଦ୍ଧି ପାଇବା ଆଶଙ୍କା ଦେଖାଦେଇଛି। ଫଳରେ ଜିଲାର କୋଟପାଡ଼ ଓ ବୋରିଗୁମ୍ମା ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ତହସିଲଦାର ଓ ବିଡିଓଙ୍କୁ ସମ୍ଭାବ୍ୟ ବନ୍ୟା ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ସହ ପ୍ରତି ଘଣ୍ଟାର ରିର୍ପୋଟ ଜିଲା ଜରୁରୀ ବିଭାଗକୁ ଦେବା ପାଇଁ ଜିଲାପାଳ ମଧୁସୂଦନ ମିଶ୍ର ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲାର ଜୟପୁର ବ୍ଲକ ରାଣୀଗଡ଼ଠାରେ ଥିବା ତେଲେଙ୍ଗିରି ଡ୍ୟାମ୍‌ରେ ଜଳସ୍ତର ୬୨୪.୮୦ ମିଟରକୁ ବୃଦ୍ଧି ପାଇଛି। ଏହି ଡ୍ୟାମ୍‌ର ବିପଦ ସଙ୍କେତ ଜଳସ୍ତର ହେଉଛି ୬୩୩ ମିଟର। ଏବେ ଏଠାରେ ଜଳସ୍ତର ବୃଦ୍ଧି ଯୋଗୁ ଦୁଇଟି ଗେଟ୍ ଖୋଲାଯାଇଛି । ସେହିପରି କୋଲାବ ଡ୍ୟାମ୍‌ର ଜଳସ୍ତର ଗୁରୁବାର ୮୫୪.୪୧ ମିଟରକୁ ବୃଦ୍ଧି ପାଇଛି। ଏହାର ବିପଦ ସଙ୍କେତ ସ୍ତର ହେଉଛି ୮୫୮ ମିଟର। ଅନ୍ୟପକ୍ଷରେ ଜିଲାରେ ଗୁରୁବାର ୨୦୪.୩ ମିମି ବର୍ଷା ହୋଇଥିବାବେଳେ କୋଟପାଡ଼ ଓ ନନ୍ଦପୁର ଅଚଳରେ ୨୭ ମିମି ଲେଖାଏଁ ବର୍ଷା ହୋଇଛି। କୋରାପୁଟ ଜିଲାରେ ଲଗାଣ ବର୍ଷା ଯୋଗୁ ଗତ ୨ ଦିନ ଭିତରେ ୩ଟି ବ୍ଲକର ୭୮ଟି ଘର ଭାଙ୍ଗିଛି। ବୁଧବାର କୋଟପାଡ଼ ବ୍ଲକରେ ୫୦ଟି ଘର ଭାଙ୍ଗିଥିବାବେଳେ ଗୁରୁବାର ଜୟପୁର ବ୍ଲକର ୨୫ଟି ଘର ଓ ସେମିଳିଗୁଡ଼ା ବ୍ଲକର ୩ଟି ଘର ଭାଙ୍ଗିଛି।



ଜଳାପୁଟ ମୁଖ୍ୟ ଡ୍ୟାମ୍‌ର ୬ ଓ ୭ ନମ୍ବର ଗେଟ୍ ଖୋଲାଯାଇଛି।

## ୩ ମାମଲାରେ ୪ ଗିରଫ

ଜୟପୁର,୫।୯(ନି.ପ୍ର./ଡି.ଏନ୍.ଏ.)

ଜୟପୁର ସଦର ପୋଲିସ ଚୋରି ଓ ଲୁଟ୍ ମାମଲାରେ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସଲପ ଗ୍ରାମର ଲଳିତ ଜାନୀ (୨୨), କମଳ ହରିଜନ (୨୭), କୁନ୍ଦୁରା ପ୍ରଧାନିପଟୁ ଗ୍ରାମର କୃଷ୍ଣ ମୁଜିରିଆ (୨୨) ଓ ଏକମ୍ବା ଗ୍ରାମର ଭକ୍ତ ହରିଜନ (୪୨)। ଜୟପୁର ସଦର ପୋଲିସ ପୂର୍ବରୁ ଜଣଙ୍କୁ ଗିରଫ କରିଥିବା ବେଳେ ଗୁରୁବାର ୩ ଜଣଙ୍କୁ ଧରିଛି। ଗତ ୨୬ ଜୁନ୍‌ରେ ବାଇକ ଚୋରିକରି ଦୁର୍ବୃତ୍ତମାନେ ନଦୀରେ ଫିଙ୍ଗିଦେଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗର ତଦନ୍ତ କରି ୩ ଜଣଙ୍କୁ ଗିରଫ କରାଯାଇଥିଲା। ଗତ ଫେବୃୟାରୀରେ ମାଇକ୍ରୋ ଫାଇନାନ୍ସଠାରୁ ଲୁଟ୍ ହୋଇଥିବା ନେଇ ସଦର ପୋଲିସ ନିକଟରେ ଅଭିଯୋଗ ହୋଇଥିଲା । ସେହି ମାମଲାରେ ୩ ଜଣ ଜଡ଼ିତ ଥିଲେ। ପୂର୍ବରୁ ଏଥିରେ ପୋଲିସ ଜଣକୁ ଗିରଫ କରିଥିବା ବେଳେ ଗୁରୁବାର ଭକ୍ତ ହରିଜନଙ୍କୁ ଧରିଛି। ଏହି ମାମଲାରେ ଅନ୍ୟ ଜଣେ ଫେରାର ରହିଛନ୍ତି। ୩ଟି ମାମଲାରେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦର ଥାନା ଅଧିକାରୀ ଶିବଶଙ୍କର ସାହୁ କହିଛନ୍ତି।

■ କୋରାପୁଟ ମେଡିକାଲ

## ଡେଙ୍ଗୁ ସନ୍ଦେହରେ ଭର୍ତ୍ତି ହୋଇଥିଲେ ୩

କୋରାପୁଟ,୫।୯(ସ୍ୱ.ପ୍ର.)

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲରେ ୩ ଜଣ ରୋଗୀ ଡେଙ୍ଗୁ ସନ୍ଦେହରେ ଭର୍ତ୍ତି ହୋଇଛନ୍ତି। ସେମାନେ ହେଲେ କୋରାପୁଟ ଜିଲାର ସ୍ମୃତି ନାୟକ (୧୫), ନନ୍ଦପୁର ବ୍ଲକ ପାଡୁଆ ଅଞ୍ଚଳର ଅମରେଶ କିରା (୨୦) ଓ ମାଲକାନଗିରି ଜିଲା ରିନା ମଣ୍ଡଳ (୩୦)। ବୁଧବାର ରାତିରେ ଏମାନେ ଏଠାରେ ଭର୍ତ୍ତି ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ରକ୍ତ ପରୀକ୍ଷା ପରେ ନେଗେଟିଭ ବାହାରିଥିବା ଜଣାପଡ଼ିଛି। ଅନ୍ୟ ଜଣଙ୍କ ରକ୍ତ ପରୀକ୍ଷା କରାଯାଇଥିବାବେଳେ ଏଯାବତ୍ ରିର୍ପୋଟ ମିଳି ନ ଥିବା ମେଡିକାଲ ମ୍ୟାନେଜର ଶୁଭେନ୍ଦୁ ପଣ୍ଡା କହିଛନ୍ତି। ସ୍ମୃତି ନାୟକଙ୍କ ରକ୍ତ ପରୀକ୍ଷା ରିର୍ପୋଟ ନେଗେଟିଭ ବାହାରିବା ପରେ ତାଙ୍କୁ ମେଡିକାଲରୁ ଛଡ଼ାଯାଇଛି । ଚଳିତ ବର୍ଷ ପୂର୍ବରୁ ଏହି ମେଡିକାଲରେ ନବରଙ୍ଗପୁର ଜିଲାର ୬ ଜଣ, ମାଲକାନଗିରି ଜିଲାରୁ ଜଣେ ଓ କୋରାପୁଟ ଜିଲାରୁ ୩ ଜଣ ଡେଙ୍ଗୁ ସନ୍ଦେହରେ ଭର୍ତ୍ତି ହୋଇଛନ୍ତି। ଏହି ରୋଗ ଉପରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଥିବାବେଳେ ଜିଲାର ୪ଟି ପୌରାଞ୍ଚଳର ପରିମଳ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସଂପୃକ୍ତ ନିର୍ବାହୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସିଡିଏମ୍ଓ ଡା. ଦଧିବାମନ ତ୍ରିପାଠୀ କହିଛନ୍ତି।

## ଶିକ୍ଷାଦାନରେ ଶ୍ରେଷ୍ଠ ହେବାକୁ ଆହ୍ୱାନ



ଜଣେ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ବିଧାୟକ।

ଜୟପୁର,୫।୯(ଡି.ଏନ୍.ଏ./ନି.ପ୍ର.)

ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଜୟପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗୁରୁବାର ପବିତ୍ର ଗୁରୁଦିବସ ଉତ୍ସବ ପାଳିତ ହୋଇଛି। ଭାରପ୍ରାପ୍ତ ଏବିଇଓ ପି. ହରିଶ୍ଚନ୍ଦ୍ର ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଥିବା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ସମ୍ମାନିତ କରାଯାଇଛି। ବିଧାୟକ ନିଜ ବକ୍ତବ୍ୟରେ ଜୟପୁର ବ୍ଲକର ଶିକ୍ଷୟିତ୍ରୀ ଓ ଶିକ୍ଷକ ଉନ୍ନତ ପ୍ରଦର୍ଶନ କରି ରାଜ୍ୟ ଓ ଜାତୀୟସ୍ତରରେ ପୁରସ୍କୃତ ହେବା ପାଇଁ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଅବସରପ୍ରାପ୍ତ ବିଇଓ ସରୋଜିନୀ ଦଣ୍ଡସେନାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରତିଷ୍ଠାନର ଅଧ୍ୟକ୍ଷା ଡ. ନୀଳାଞ୍ଚଳ ପ୍ରଧାନ, ଏବିଇଓ ପ୍ରଶାନ୍ତ ପାତ୍ର ସଭାରେ ଯୋଗ ଦେଇଥିଲେ। ଏଥିରେ ୧୫ଟି କ୍ଲଷ୍ଟର ଅଧୀନ ୧୫ଟି ବିଦ୍ୟାଳୟକୁ ଶ୍ରେଷ୍ଠ ପୁରସ୍କାର, ୬ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ମଧ୍ୟରେ ଅନୁଷ୍ଠିତ କୁଇଜ, ଗୀତ ଓ ବକ୍ତୃତା ପ୍ରତିଯୋଗତାରେ ଶ୍ରେଷ୍ଠ ୩ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂଘ ସଭାପତି ସୁରେନ୍ଦ୍ରନାଥ ମହାପାତ୍ର, ସଂପାଦକ ଦେବୀପ୍ରସାଦ ଦାଶଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷକ, ସଙ୍ଗୀତ ବିଶାରଦ, ଗାଡ଼ି ମେକାନିକଙ୍କୁ ପୁରସ୍କାର

ବୋରିଗୁମ୍ମା,୫।୯(ଡି.ଏନ୍.ଏ.)

ସ୍ଥାନୀୟ ଡାକ ବଙ୍ଗଳାରେ ଗୁରୁ ଦିବସକୁ ସ୍ୱତନ୍ତ୍ର ଭାବେ ପାଳିଛି ବୋରିଗୁମ୍ମା ପ୍ରେସ କ୍ଲବ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତିନି ଜଣ ଗୁରୁଙ୍କୁ ଏଥିରେ ସମ୍ମାନିତ କରାଯାଇଛି। ରାଜ୍ୟସ୍ତରୀୟ ଶ୍ରେଷ୍ଠ ଶିକ୍ଷକ ମାନ୍ୟତା ପାଇଥିବା ଲୋକନାଥ ଦାସ ୩୯ ବର୍ଷର ଶିକ୍ଷକତା ଭିତରେ ବହୁ ଗରିବ ପିଲାଙ୍କୁ ପାଠ ପଢ଼ାଇ ମଣିଷ କରିଛନ୍ତି। ନାଟ୍ୟ ନିର୍ଦ୍ଦେଶନା ପାଇଁ ମଧ ସେ ବେଶ ସୁନାମ ଅର୍ଜନ କରିଛନ୍ତି। ସଙ୍ଗୀତ ବିଶାରଦ ପ୍ରଦୀପ ମହାପାତ୍ର ବିଭିନ୍ନ ପାରମ୍ପରିକ ବାଦ୍ୟ ବଜାଇବାରେ ସିଦ୍ଧହସ୍ତ। ଏବେ ବହୁ ପିଲା ତାଙ୍କଠାରୁ ସଂଗୀତ ଶିକ୍ଷା ନେଉଛନ୍ତି। ଗାଡ଼ି ମେକାନିକ ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ ବାପାଙ୍କଠାରୁ ଏହି ଶିକ୍ଷା ନେବା ପରେ ନିଜେ ଗ୍ୟାରେଜ୍ ଖୋଲି ପ୍ରାୟ ୫୦ ପିଲାଙ୍କୁ ଏହି ବିଦ୍ୟା ଶିଖାଇ ସ୍ୱାବଲମ୍ବୀ କହିଛନ୍ତି।



ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କ ସହ ପ୍ରେସ୍ କ୍ଲବ ସଦସ୍ୟମାନେ।

### ଗୁରୁ ଦିବସରେ ଅଭିନବ ସମ୍ବର୍ଦ୍ଧନା

ସଂଘ ଉପଦେଷ୍ଟା ଆର୍. ମାଧବ ରାଓ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ କ୍ଲବ ଆଇନ ପରାମର୍ଶଦାତା ଲାଲୁ ଶ' ଓ ସଭାପତି ବିଜୟ ନାରାୟଣ ସାହୁ ଯୋଗଦେଇ ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଲବ ଉପସଭାପତି କେ. ସାକିଲି ଦୋରା, ସମ୍ପାଦକ ଜି. ମୋହନ ଦୋରା, ସଙ୍ଗଠନ ସମ୍ପାଦକ ଏନ୍. ପିମ୍ପସ କୁମାର, ସହ ସମ୍ପାଦକ ରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ସୁଶୀଳ ଶ', ସଭ୍ୟ ସୁକାନ୍ତ ମାଝୀ, ଦୟାନିଧି ପଟ୍ଟନାୟକ, ସୁଜିତ ପଣ୍ଡା, ପି. ଅନନ୍ତ କୁମାର ଯୋଗ ଦେଇଥିଲେ। ସମ୍ପାଦକ ଜି. ମୋହନ ଦୋରା ଧନ୍ୟବାଦ ଦେଇଥିଲେ।

## ଗିରଫ ସିଏସ୍ଓଙ୍କ ଜାମିନ ଖାରଜ

ଜୟପୁର,୫।୯(ଡି.ଏନ୍.ଏ.)

ଗିରଫ ହୋଇଥିବା ମାଲକାନଗିରି ଜିଲା ଯୋଗାଣ ଅଧିକାରୀଙ୍କ ଜାମିନ ଆବେଦନର ଶୁଣାଣି ଗୁରୁବାର ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହୋଇଛି। ଆବେଦନ ଖାରଜ ହେବା ପରେ ତାଙ୍କୁ ପୁଣି ଜେଲ ହାଜତକୁ ପଠାଇ ଦିଆଯାଇଛି। ସେ ଗିରଫ ହେବାର ପରଦିନ ଗତ ଅଗଷ୍ଟ ୧୮ରେ ସ୍ୱତନ୍ତ୍ର ଜଜ୍ ଶ୍ରୀକାନ୍ତ ମିଶ୍ରଙ୍କ ଆଗରେ ଜାମିନ ଆବେଦନ ଉପସ୍ଥାପନ କରିଥିଲେ ତାଙ୍କର ଓକିଲ। କିନ୍ତୁ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ପୁନଃ ଗୁରୁବାର ଏହାର ଶୁଣାଣି ହୋଇ ଆବେଦନ ଖାରଜ ହୋଇଛି। ଗତ ଅଗଷ୍ଟ ୧୭ରେ ମାଲକାନଗିରି ସିଏସ୍ଓ ଅଭିମନ୍ୟୁ ମହାନ୍ତି ୧ ଲକ୍ଷ ୯୧ ହଜାର ୧୪୦ ଟଙ୍କା ଧରି କାର୍‌ରେ ନିଜ ଘର ବ୍ରହ୍ମପୁରକୁ ଯାଉଥିବା ବେଳେ ବୈପାରିଗୁଡ଼ାରେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିଲା। ଆୟ ବହିର୍ଭୁତ ଅର୍ଥ ଠୁଳ ଅଭିଯୋଗରେ ତାଙ୍କ ନାମରେ ୨୦୧୨ରେ ଏକ ମାମଲା ରହିଥିଲା।

## ୩ ଅବସରପ୍ରାପ୍ତ ଶିକ୍ଷକ ସମ୍ମାନିତ




ଗୁରୁ ଦିବସ ସଭାରେ ଉପସ୍ଥିତ ଅତିଥି, ଶିକ୍ଷୟିତ୍ରୀ, ଶିକ୍ଷକ।

ଚାନ୍ଦିଲି (କୋଟପାଡ଼), ୫।୯(ଡି.ଏନ୍.ଏ.)

କୋଟପାଡ଼ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜମାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁ ଦିବସ ପାଳିତ ହୋଇଛି। ସଂଘ ସଭାପତି ମୋହନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ବ୍ଲକ ଶିକ୍ଷାଧିକାରୀ ବିଚିତ୍ରାନନ୍ଦ ସେଠୀ, ସମ୍ମାନିତ ଅତିଥି ରୂପେ ଏବିଇଓ ଖଗେଶ୍ୱର ଗୋଲରି, ବାଞ୍ଛାନିଧି ହରିଜନ, ସଂଘର ଆଇନ ଉପଦେଷ୍ଟା ପଙ୍କଜ ପାତ୍ର, ଉପଦେଷ୍ଟା ପ୍ରଫୁଲ୍ଲ ପଟ୍ଟନାୟକ ଓ ଭି. ମାଲେଶ୍ୱର ରାଓ ଯୋଗ ଦେଇଥିଲେ । ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିବା ସହ ଶିକ୍ଷକ ହାଡ଼ିବନ୍ଧୁ ସାହୁ ଓ ସଂଯୁକ୍ତା ମହାପାତ୍ର ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ଅବସର ନେଇଥିବା ଶିକ୍ଷୟିତ୍ରୀ ସବିତା ହୋତା, ପଦ୍ମାଳୟା ସାହୁ ଓ ଶିକ୍ଷକ ଚିଦାନନ୍ଦ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ପାଦକ ସନ୍ତୋଷ ପାଢ଼ୀ, ସଂଗଠନ ସମ୍ପାଦକ ପ୍ରଦୀପ ପ୍ରଧାନ, ଉପସଭାପତି ଧୀରଜ ଭତରା, ଡମ୍ବରୁ ହରିଜନ, ସଂଯୁକ୍ତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କଓ ପ୍ରଶାନ୍ତ ସାହୁ ସଂଯୋଜନା କରିଥିଲେ।

## ରାସ୍ତାକାମକୁ ବିରୋଧ କରି ପୋଷ୍ଟର

କୋରାପୁଟ/ନାରାୟଣପାଟଣା ୫।୯(ସ୍ୱ.ପ୍ର./ଡି.ଏନ୍.ଏ.)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ ତେନ୍ତୁଳିପଦରରୁ ବିଜାଘାଟି ପଞ୍ଚାୟତକୁ ଯୋଗାଯୋଗ ପାଇଁ ଆରମ୍ଭ ହୋଇଥିବା ରାସ୍ତାକାମ ବନ୍ଦ କରିବା ପାଇଁ ଗୁରୁବାର ମାଓବାଦୀଙ୍କ ନାମରେ ପୋଷ୍ଟର ଲାଗିଛି। ପ୍ରାୟ ୬ ମାସ ତଳେ ତେନ୍ତୁଳିପଦରରୁ ବିଜାଘାଟି ଯାଏ ପ୍ରାୟ ୧୨ କିମି ରାସ୍ତାକାମକୁ ଅମରଦୀପ ଓ ଦାସ କନ୍‌ଷ୍ଟ୍ରକ୍ଟରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବାବେଳେ ଏବେ କାମ ବନ୍ଦ କରିବା ପାଇଁ ଜେସିବି ମେଶିନ୍‌ରେ ପୋଷ୍ଟର ଲଗାଯାଇଛି। ପୋଷ୍ଟରରେ ଉଲ୍ଲେଖ ରହିଛି, ଯଦି କାମ କରିବ, ତେବେ ୧୦ ତାରିଖ ସୁଦ୍ଧା ୩୦ ଲକ୍ଷ ଟଙ୍କା ଭାଲୁପଦର ଗ୍ରାମଠାରୁ ଅଧକିମି ଦୂରରେ ଆଣି ଦେବାକୁ ପଡ଼ିବ। ନଚେତ ଠିକାଦାରଙ୍କୁ ମୃତ୍ୟୁଦଣ୍ଡ ଦିଆଯିବ। ଏହି ପୋଷ୍ଟର ତଳେ ସିପିଆଇ ମାଓବାଦୀ ଡିଭିଜନ ଶ୍ରୀକାମୁଲମ ବୋଲି ଉଲ୍ଲେଖ ରହିଛି। ପୋଷ୍ଟରକୁ ସ୍ଥାନୀୟ ବିଏସ୍ଏଫ୍ ଯବାନମାନେ ଜବତ କରିଛନ୍ତି।

## ଗୁରୁଙ୍କ ପାଇଁ ଦିନଟିଏ



ଦାମନଯୋଡ଼ି ନାଲକୋ ଟାଉନସିପ୍ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲରେ ଗୁରୁବାର ଆୟୋଜିତ ଗୁରୁ ଦିବସ କାର୍ଯ୍ୟକ୍ରମ।




ଦାମନଯୋଡ଼ି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁ ବନ୍ଦନା ଗାଉଛନ୍ତି ଛାତ୍ରୀ।



କୋରାପୁଟ ସରସ୍ୱତୀ ବିଦ୍ୟାମନ୍ଦିରରେ ଗୁରୁଙ୍କୁ ପୂଜା କରୁଛନ୍ତି ଛାତ୍ରୀ।

